## ସଂକ୍ଷେପରେ

### ବିଞ୍ଝାରପୁର ବ୍ଲକରେ ୪ ମୁଣ୍ଡ ନେଲାଣି କରୋନା

ବିଞ୍ଝାରପୁର,୨୬।୪(ଡି.ଏନ.ଏ.): ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ସୋମବାର ଆଉ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ପୂର୍ବରୁ ଏହି ବ୍ଲକ ଅଞ୍ଚଳରେ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ଆଜିକୁ ମିଶାଇ ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଛି । ଏପରି ସ୍ଥିତିକୁ ନେଇ ସମଗ୍ର ବ୍ଲକ ଅଞ୍ଚଳ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ, ବିଞ୍ଝାରପୁର ବ୍ଲକ ବରପଦା ପଞ୍ଚାୟତ ରାମଚନ୍ଦ୍ରପୁର ଧଳସାହି ଗ୍ରାମର ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ ଭାଗବତ ଚରଣ ଧଳ(୭୮)ଙ୍କ ସୋମବାର ଡୁବୁରିସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସେ ୨ ଦିନ ତଳେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଶନିବାର ତାଙ୍କୁ ଗୁରୁତର ଅବସ୍ଥାରେ ଡୁବୁରୀସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହାପୂର୍ବରୁ ବ୍ଲକର ଆଉଁରୀ ଗ୍ରାମର ମହିଳା ପଦୁଆଁ ଜେନା(୫୦), ସିଂହପୁର ଗ୍ରାମର କାଶୀନାଥ ଧଳ(୫୩) ଓ ହଳଦିଡିହ ଗ୍ରାମର ମୁରଲୀଧର ଗୁରୁ(୬୩)ଙ୍କ କରୋନାରେ ମୃତ୍ୟୁ ଘଟିଥିଲା ବୋଲି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ଖବର ମିଳିଛି ।

### କରୋନାରେ ସାମାଜିକ କର୍ମୀଙ୍କ ପରଲୋକ

ବରୀ,୨୬।୪(ଡି.ଏନ.ଏ.): ସୋମବାର ଇଶାଣପୁର ପଞ୍ଚାୟତର ସାମାଜିକ କର୍ମୀ ଗୋଲଖ ଚନ୍ଦ୍ର ମଲ୍ଲିକଙ୍କ କରୋନାରେ ମୃତ୍ୟୁ ଘଟିଛି । ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା । ଗତ ୧ ସପ୍ତାହ ପୂର୍ବରୁ ସେ ଶାରୀରିକ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାବ୍ ଟେଷ୍ଟ ପରେ ସେ କରୋନାରେ ଆକ୍ରାନ୍ତ ଥିବା ଜଣାପଡିଥିଲା । ଏହାପରେ ତାଙ୍କୁ ଟାଟା କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସୋମବାର ମୃତ୍ୟୁ ଘଟିଛି। ଏହି ଖବର ଜଣାପଡ଼ିବା ପରେ ବରୀ ବିଧାୟିକା ପ୍ରତିନିଧି ଦେବେନ୍ଦ୍ର ଦାସ, ପ୍ରଫେସର ଦେବ ପ୍ରସାଦ ସାମଲ, ବାଲିବିଲି ସରପଞ୍ଚ ସନ୍ତୋଷ ସାମଲ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ହରିଶ ଦାସ, ଅଭିରାମ ଦାସ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ।

### ପୂର୍ବତନ ଶ୍ରମ ସଚିବଙ୍କ ପାଇଁ ସ୍ମୃତିସଭା

ବଡ଼ଚଣା,୨୬।୪(ଡି.ଏନ.ଏ.): ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅଧୀନ ଛତିଆ ଗ୍ରାମର ଅବସରପ୍ରାପ୍ତ କେନ୍ଦ୍ର ଶ୍ରମ ସଚିବ ବିରଞ୍ଚି ନାରାୟଣ ନନ୍ଦଙ୍କ ବିୟୋଗରେ ରାଜ୍ୟ ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ବନ୍ଧାଲୋସ୍ଥିତ ଯୁବ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ସଭାରେ ରାଜ୍ୟ ଅଣସଂଗଠିତ ସମନ୍ୱୟ କମିଟି ତରଫରୁ ରାଜ୍ୟ ସଭାପତି ନୃସିଂହ ଚରଣ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ । ରାଜ୍ୟ ସହ ସାଧାରଣ ସମ୍ପାଦକ ରମେଶ ଜେନା, ସଙ୍ଗଠନ ସମ୍ପାଦକ ନାରାୟଣ ନାୟକ, ଜିଲା ସଂଯୋଜକ ପ୍ରଫୁଲ୍ଲ କୁମାର ସାହୁ, ଶ୍ରମିକ ନେତା ଧିରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ନନ୍ଦଙ୍କ ବିୟୋଗରେ ରାଜ୍ୟ ଜଣେ ଦୃଢ ଶ୍ରମିକ ନେତାଙ୍କୁ ହରାଇଲା ବୋଲି କହିଥିଲେ ।

# ଥାନାରେ ଧସେଇ ପଶିଲେ ଶତାଧିକ ମହିଳା

ଯାଜପୁର ଅଫିସ/ ଦଶରଥପୁର (ଡି.ଏନ.ଏ.) ୨୬।୪

ମରଣାନ୍ତକ ଆକ୍ରମଣ ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଏହାର ପ୍ରତିବାଦରେ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସୋମବାର ପୂର୍ବାହ୍ନ ୧୦ଟାରେ ଯାଜପୁର ଜିଲା ମଙ୍ଗଳପୁର ଥାନା ଘେରାଉ କରି ଆମରଣ ଅନଶନରେ ବସିଥିଲେ। କିନ୍ତୁ ଅପରାହ୍ନ ୩ଟା ଯାଏ ପୋଲିସ ନୀରବ ରହିବାରୁ ଆନ୍ଦୋଳନକାରୀମାନେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଶାସକ ଦଳର ଚାପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ ବୋଲି ଅଭିଯୋଗ କରି ଶତାଧିକ ମହିଳା ଥାନା ଭିତରକୁ ଧସେଇ ପଶିଥିଲେ। ଏହି ସମୟରେ ପୋଲିସ କର୍ମଚାରୀମାନେ ଅନ୍ୟ ଉପାୟ ନ ପାଇ ଥାନା କବାଟ ବନ୍ଦ କରିଦେଇଥିଲେ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ମହିଳାମାନେ ଥାନାର ପୋର୍ଟିକୋ ମଧ୍ୟରେ ବସିରହିବା ସହ ଥାନାକୁ ସମ୍ପୂର୍ଣ୍ଣଭାବେ ଅଚଳ କରିଦେଇଛନ୍ତି। ମଙ୍ଗଳପୁର ଥାନାଧିକାରୀ ଅସିତ୍ ରଞ୍ଜନ ମହାନ୍ତଙ୍କ ସୂଚନା କ୍ରମେ ଏସ୍‌ଡିପିଓ ନାରାୟଣ ଚନ୍ଦ୍ର ବାରିକ ସନ୍ଧ୍ୟାରେ ଆନ୍ଦୋଳନକାରୀଙ୍କ ପାଖରେ ପହଞ୍ଚି ବୁଝାଶୁଝା କରିଥିଲେ। ହେଲେ



ଥାନା ସମ୍ମୁଖରେ ମହିଳାମାନେ ଧାରଣା ଦେଇଛନ୍ତି।

## ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ଅଭିଯୁକ୍ତଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ଆମେ ହଟିବୁ ନାହିଁ ବୋଲି ସେମାନେ ଚରମବାଣୀ ଶୁଣାଇଛନ୍ତି। ଫଳରେ ଥାନା ପରିସରରେ ଉତ୍ତେଜନା ଲାଗିରହିଛି ।

ଅଭିଯୋଗ ଅନୁଯାୟୀ ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ବିନ୍ଧା ନନ୍ଦିପୁର ଗ୍ରାମରେ ୨୦ ଦିନ ତଳେ ହେମନ୍ତ ମଲ୍ଲିକ ନାମକ ଯୁବକ ଦିନ ଦ୍ୱିପ୍ରହରରେ ୱାର୍ଡମେମ୍ବର ବିଶ୍ୱନାଥ ବେହେରାଙ୍କ ସହ ତାଙ୍କ ସ୍ତ୍ରୀ ବସନ୍ତଲତା ଓ ବୋହୂ ଛବିରାଣୀଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣକାରୀଙ୍କ କବଳରୁ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ଗ୍ରାମବାସୀ ଗୋଲେଖ ସାହୁ, ଅନୁ ବେହେରା, ଅପୂର୍ବ ବେହେରା, ଅଲେଖ ଚନ୍ଦ୍ର ବେହେରା, ଗୋଲେଖ ଦାସ ପ୍ରମୁଖ ଆହତ ହୋଇଥିଲେ। ଏହାପରେ ବିଶ୍ୱନାଥଙ୍କ ବୋହୂ ଛବିରାଣୀ ମଙ୍ଗଳପୁର ଥାନାରେ ହେମନ୍ତଙ୍କ ନାଁରେ ଅଭିଯୋଗ କରିଥିଲେ। ହେମନ୍ତଙ୍କୁ ଗିରଫ କରିବା ପାଇଁ ଆକ୍ରମଣର ଶିକାର ପରିବାର ସହ ଶତାଧିକ ଗ୍ରାମବାସୀ ଘଟଣା ଦିନ ଥାନା ଆଗରେ ଧାରଣା ଦେଇଥିଲେ। ଯାଜପୁର ଏସ୍‌ଡିପିଓ ପହଞ୍ଚି ୧ ସପ୍ତାହ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ପୋଲିସର ପ୍ରତିଶ୍ରୁତି ପାଣିର ଗାର ହୋଇଛି। ୨୦ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ।

# ଖୋଲାରେ ବୁଲୁଛନ୍ତି ପ୍ରବାସୀ

ବରୀ,୨୬।୪(ଡି.ଏନ.ଏ.)

କରୋନାର ଦ୍ୱିତୀୟ ଲହର ସାରା ଦେଶରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଏପରି ସମୟରେ ବିଭିନ୍ନ ଅଞ୍ଚଳରେ ଥିବା ପ୍ରବାସୀମାନେ ଗାଁକୁ ଫେରୁଛନ୍ତି । ଗତବର୍ଷ କରୋନା କଟକଣା ସମୟରେ ପ୍ରଶାସନିକ ଅଧିକାରୀମାନେ ସଂକ୍ରମିତ ବ୍ୟକ୍ତି, ତାଙ୍କ ପରିବାର ଓ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରିବା ସହ କୋଭିଡ୍ ଟେଷ୍ଟ କରୁଥିଲେ। ହେଲେ ଚଳିତ ବର୍ଷ ସେଥିପ୍ରତି ଗୁରୁତ୍ୱାରୋପ କରାଯାଉନାହିଁ । ଏପରିକି ଗାଁକୁ ଫେରୁଥିବା ପ୍ରବାସୀମାନେ ନିଜ ଘରେ ସଙ୍ଗରୋଧରେ ବି ରହୁ ନାହାନ୍ତି । ସେମାନେ ଗାଁରେ ଖୁଲମ୍‌ଖୁଲା ବୁଲୁଛନ୍ତି। ସେମାନଙ୍କ ଯୋଗୁ ସଂକ୍ରମଣ ବଢ଼ି ଚାଲିଛି ବୋଲି ଅଭିଯୋଗ ହୋଇଛି । ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଗୁଜରାଟ ଆଦି ରାଜ୍ୟରୁ ବହୁ ପ୍ରବାସୀ କରୋନା ସଂକ୍ରମଣ ଭୟରେ ନିଜ ଗାଁକୁ ଫେରୁଛନ୍ତି । ପ୍ରଶାସନ ତରଫରୁ ଅଦ୍ୟାବଧି ସେମାନଙ୍କୁ ଚିହ୍ନଟ କରାଯାଇନାହିଁ । ଘରୋଇ ସଙ୍ଗରୋଧ କେନ୍ଦ୍ର କିମ୍ବା ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ସେମାନଙ୍କୁ ରଖାଯାଇନାହିଁ। ସେମାନେ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସୁଥିବାରୁ ଆଗାମୀ ଦିନରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଇତିମଧ୍ୟରେ ଉଦୟନାଥପୁର, ବାଲିବିଲି ଓ ଇଶାଣପୁର ପଞ୍ଚାୟତରେ ୩ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

ସୂଚନାଯୋଗ୍ୟ, ଗତବର୍ଷ ରାଜ୍ୟ ସରକାର ସରପଞ୍ଚମାନଙ୍କୁ ଜିଲାପାଳଙ୍କ କ୍ଷମତା ପ୍ରଦାନ କରିଥିଲେ । କରୋନା ଚିହ୍ନଟ ବ୍ୟକ୍ତି ତଥା ତାଙ୍କ ପରିବାର ଓ ପ୍ରବାସୀମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯିବାର ଗୁରୁ ଦାୟିତ୍ୱ ସରପଞ୍ଚମାନଙ୍କୁ ଅର୍ପଣ କରାଯାଇଥିଲା । ମାତ୍ର ଦ୍ୱିତୀୟ ଲହର ସମୟରେ ସରପଞ୍ଚମାନଙ୍କୁ ଗୁରୁତ୍ୱ ଦିଆଯାଇନାହିଁ। ବରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶରେ ବାଲିଆ, ସ୍ୱାଇଁଖଣ୍ଡ, ଅଟିରା ଓ ଉଦୟନାଥପୁରରେ ୪ଟି ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ର କରାଯାଇଛି ବୋଲି ସୂଚନା ମିଳିଛି। ହେଲେ ସେହି କେନ୍ଦ୍ରକୁ କିପରି କରୋନା ଆକ୍ରାନ୍ତମାନେ ଆସିବେ ସେ ନେଇ ଉଦ୍ୟମ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଶିବାନନ୍ଦ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ଲୋକେ ସଚେତନ ନ ହେଲେ ପ୍ରଶାସନ କ'ଣ କରି ପାରିବ । ଆମେ ସରକାରୀ ନିୟମରେ ବନ୍ଧା। ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିଙ୍କ ସହାୟତାରେ ଏଥିପାଇଁ ସଚେତନତା ସୃଷ୍ଟି କରିବା ପାଇଁ ଆମେ ଉଦ୍ୟମ କରିବୁ ।

# ଚାରା ରୋପଣ ଟଙ୍କା ଆତ୍ମସାତ୍ ଅଭିଯୋଗ

ଚଣ୍ଡିଖୋଲ,୨୬।୪(ଡି.ଏନ୍.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ଚଣ୍ଡୀତଳ ପଞ୍ଚାୟତରେ ୨୦୨୦-୨୧ ଆର୍ଥିକ ବର୍ଷରେ ହୋଇଥିବା ଚାରା ରୋପଣ କାର୍ଯ୍ୟରେ ବ୍ୟାପକ ଅର୍ଥ ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଏପରି କରାଯାଇଥିବା ଜିଲା ପ୍ରଶାସନକୁ ଅବଗତ କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ ସିସି ରୋଡଠାରୁ ନଣ୍ଡାଟୁଆ ପର୍ଯ୍ୟନ୍ତ ଚାରା ରୋପଣ କାମ ୨୦୨୦-୨୧ ଆର୍ଥିକ ବର୍ଷରେ ହୋଇଛି । ହେଲେ ସେହି କାମର କୌଣସି ସବିଶେଷ ବିବରଣୀ ସୂଚନା ଫଳକରେ ନାହିଁ। ଆଂଶିକ ଉଲ୍ଲେଖ ହୋଇଥିବା ଫଳକରେ କାର୍ଯ୍ୟର ନାମ ଓ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ ତଥ୍ୟ ରହିଛି। ବୃକ୍ଷ ରୋପଣ ନାମରେ ୨ଲକ୍ଷ ୭୫ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ରାସ୍ତାର ଆରମ୍ଭ ଓ ଶେଷ ଭାଗରେ ୨୦ରୁ ୨୫ ଗଛ ଲଗାଯାଇଛି। ଏହା ବାବଦରେ ଅଟକଳ ମୂଲ୍ୟ ୨ଲକ୍ଷ ୭୫ହଜାର ଟଙ୍କା ଉଠାଣ କରାଯାଇଛି। ଏଥିପାଇଁ ବିଭିନ୍ନ ଲୋକଙ୍କ ନାଁରେ ଜବ୍‌କାର୍ଡ କରି ସେମାନଙ୍କୁ ୧୦୦ଟଙ୍କା ଲେଖାଏ ଦିଆଯାଇ ଅବଶିଷ୍ଟ ଟଙ୍କାକୁ ଆତ୍ମସାତ୍ କରାଯାଇଛି । ଏ ସମ୍ପର୍କରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ବଡ଼ଚଣା ବିଡିଓ ଅଜିତ ପ୍ରସାଦ ନାରାୟଣ ଗିରିଙ୍କୁ ଏ ନେଇ ପଚାରିବାରୁ ଏପରି କାର୍ଯ୍ୟ ହୋଇ ନ ଥିବ ବୋଲି ସେ କହିଛନ୍ତି। ଯଦି ହୋଇଥାଏ ତେବେ ଏହାର ତଦନ୍ତ ହେବ। ଏ ସମ୍ପର୍କରେ ଚଣ୍ଡୀତଳ ସରପଞ୍ଚ ମମିନ୍ ଅଲ୍ଲି ଖାଁଙ୍କୁ ପଚାରିବାରେ ସେ କୁହନ୍ତି ଏଥିରେ କୌଣସି ଦୁର୍ନୀତି ହୋଇନାହିଁ । କାମ କରିଥିବା ଜବକାର୍ଡ଼ ଧାରୀମାନେ ଏପର୍ଯ୍ୟନ୍ତ ସମସ୍ତ ଅର୍ଥ ପାଇ ନାହାଁନ୍ତି।




ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡୀତଳ ପଞ୍ଚାୟତରେ ଥିବା ଚାରା ରୋପଣ ଫଳକ।

# ବାର୍‌ହା ଆକ୍ରମଣରେ ଜଣେ ମୃତ,୩ ଆହତ

କଳିଙ୍ଗନଗର,୨୬।୪(ଡି.ଏନ୍.ଏ.)

ଯାଜପୁର ଜିଲା ଦାନଗଦୀ ବ୍ଲକ ଅଧୀନ ଟମ୍‌କା ବନାଞ୍ଚଳର କିଆଝର ପଞ୍ଚାୟତରେ ବାର୍‌ହା ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଉପର-ଟମ୍‌କା ମହୁଲବାଡ଼ି ଗ୍ରାମର କେତେ ଜଣ ଲୋକ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଆଉ କେତେଜଣ ଶୌଚ ହେବା ପାଇଁ ନିକଟସ୍ଥ ନାଳକୁ ଯାଇଥିଲେ। ଏହି ସମୟରେ ମହାଗିରି ପର୍ବତ ପାଦଦେଶରେ ଏକ ବାର୍‌ହା ଅତର୍କିତ ଭାବେ ମନୋଜ ଦାସ(୩୦)ଙ୍କୁ ଆକ୍ରମଣ କରିଥିଲା। ମନୋଜଙ୍କ ସ୍ତ୍ରୀ ପାଟି କରିବାରୁ ଆଖପାଖରେ ଥିବା ଲୋକମାନେ ତାଙ୍କୁ ରକ୍ଷା କରିବାକୁ ଦୌଡି ଆସିଥିଲେ। ସେମାନଙ୍କୁ ମଧ୍ୟ ବାର୍‌ହା ଆକ୍ରମଣ କରିଥିଲା । ଏଥିରେ ମଙ୍ଗଳ ନାୟକ(୫୮), ତାଙ୍କ ସ୍ତ୍ରୀ କୁନ୍ତଳା ନାୟକ (୫୨) ଏବଂ ମାଳତୀ ଦାସ(୩୫) ଆହତ ହୋଇଛନ୍ତି । ଖବରପାଇ ଟମ୍‌କା ପୋଲିସ ଏବଂ ବନ ବିଭାଗ କର୍ମଚାରୀ ଆହତମାନଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଆହତଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତ ଓ ଆହତଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।କ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ବାର୍‌ହାକୁ କୌଣସି ଶିକାରୀ ଗୁଳିମାଡ଼ କରିଥିବାରୁ ସେ ତତ୍‌କ୍ଷିପ୍ତ ହୋଇ ଏପରି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ହେଲେ ଟମ୍‌କା ରେଞ୍ଜର ଘନଶ୍ୟାମ ମୁଦୁଲି ଏହି ଅଭିଯୋଗକୁ ଅସ୍ୱୀକାର କରିବା ସହ କହିଛନ୍ତି, ବାର୍‌ହାଟି ପାଣି ପିଇବା ପାଇଁ ଗଣ୍ଡାନାଳକୁ ଆସିଥିଲା । ସେଠାରେ ଉପସ୍ଥିତ ଲୋକମାନେ ତାକୁ ଟେକା ପଥର ପକାଇବାରୁ ସେ ହିଂସ୍ର ହୋଇ ଆକ୍ରମଣ କରିଥିଲା । ମୃତକଙ୍କ ପରିବାରକୁ ୪ ଲକ୍ଷ ଏବଂ ଆହତମାନଙ୍କୁ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

# ଲିଜ୍ ଜମିକୁ ବିକ୍ରି ନେଇ ଥାନାରେ ଅଭିଯୋଗ

ଧର୍ମଶାଳା,୨୬।୪(ଡି.ଏନ.ଏ.)

ଦୀର୍ଘ ମିଆଦୀ ସୂତ୍ରରେ ଲିଜ୍ ଦିଆଯାଇଥିବା ଜମିକୁ ବେଆଇନ ଭାବେ ଅନ୍ୟତ୍ର ବିକ୍ରି କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଧର୍ମଶାଳା ଥାନା ଅଧୀନ ବ୍ରହ୍ମବରଦା ଗ୍ରାମର ଅସରୁଲ ହକ ଏକ ସିମେଣ୍ଟ ଇଟା କାରଖାନା କରିବା ପାଇଁ ତାଙ୍କ ଜେଜେମା ହାଜରା ବିବିଙ୍କଠାରୁ ୨୦୧୪ରୁ ୨୦୪୫ ମସିହା ପର୍ଯ୍ୟନ୍ତ ୩୧ ବର୍ଷ ପାଇଁ ଲିଜ୍ ନେଇଥିଲେ । ଧର୍ମଶାଳା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଏହି ୪ ପ୍ଲଟର ୭୮ଡିସମିଲ ଜମିକୁ ଲିଜ୍ ସୂତ୍ରରେ ନେବା ଲାଗି ରେଜେଷ୍ଟ୍ରି ମଧ୍ୟ କରାଯାଇଥିଲା । ହେଲେ ଲିଜ ଦିଆଯାଇଥିବା ଏହି ଜମିକୁ ଚଞ୍ଚକତା କରି ୨ ଜଣ ବ୍ୟକ୍ତି ଜମି ମାଲିକ ହାଜିରା ବିବିଙ୍କଠାରୁ ରେଜେଷ୍ଟ୍ରି କରିନେଇଥିବା ଜଣାପଡିଛି । ତେବେ ରେଜେଷ୍ଟ୍ରି ମାଧ୍ୟମରେ ଲିଜ ଦିଆଯାଇଥିବା ଜମିର ଅବଧି ନ ସରିବା ପୂର୍ବରୁ କିଭଳି ତାକୁ ବିକ୍ରି କରଗଲା ଏନେଇ ଲିଜ ଧାରୀ ଅସରୁଲ ହକ ପ୍ରଶ୍ନ ପଚାରିଛନ୍ତି । ଏନେଇ ସେ ଜମି ମାଲିକ, କ୍ରେତା ଓ ସବରେଜିଷ୍ଟ୍ରର ଅଫିସର କର୍ମଚାରୀମାନଙ୍କୁ ଦାୟୀ କରିଛନ୍ତି। ଏସମ୍ପର୍କରେ ସେ ଧର୍ମଶାଳା ସବରେଜିଷ୍ଟ୍ରର ଓ ଥାନାରେ ଅଭିଯୋଗ କରିଛନ୍ତି। ଏଭଳି ଚଞ୍ଚକତା କରି ଜମି ହାତେଇଥିବା ଏବଂ ବିକ୍ରି କରିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଏଥିରେ ସାମିଲ ହୋଇଥିବା ଧର୍ମଶାଳା ସବରେଜିଷ୍ଟ୍ରର ଅଫିସର ଅସାଧୁ କର୍ମଚାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଜ୍‌ଧାରୀ ଦାବି କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ମାଗଣା ଟିକାଦାନ ନିଷ୍ପତ୍ତିକୁ ସ୍ୱାଗତ

ଧର୍ମଶାଳା,୨୬।୪(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮ରୁ ୪୫ ବର୍ଷ ନାଗରିକଙ୍କୁ ମାଗଣାରେ କୋଭିଡ୍ ଟିକା ପ୍ରଦାନ କରିବା ପାଇଁ ନେଇଥିବା ନିଷ୍ପତ୍ତିକୁ ଧର୍ମଶାଳା ବିଜୁ ଯୁବ ଛାତ୍ର ଗାର୍ଲସ୍ ୱିଙ୍ଗସ ଜନତା ଦଳର ସଭାପତି ଏବଂ ପ୍ରମୁଖ କର୍ମକର୍ତ୍ତା ସ୍ୱାଗତ କରିଛନ୍ତି । ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶ କ୍ରମେ ସୋମବାର କଳ୍ପତରୁ ଦାସ ଷ୍ଟାଡିୟମଠାରେ ଏହି କର୍ମକର୍ତ୍ତା ଏକାଠି ହୋଇଥିଲେ । ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ସାଢ଼େ ୪ କୋଟି ଓଡ଼ିଆଙ୍କ ସୁରକ୍ଷା କବଚ ବୋଲି ବର୍ଣ୍ଣନା କରିଥିଲେ । ଏଥିସହ ବିଭିନ୍ନ ରାଜ୍ୟରେ ଅମ୍ଳଜାନ ସଙ୍କଟରେ ପଡିଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଅମ୍ଳଜାନ ଯୋଗାଇ ସାରା ଦେଶରେ ପ୍ରଶଂସାର ପାତ୍ର ହୋଇଛନ୍ତି ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଧର୍ମଶାଳା ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ବିଜେଡି ଗାର୍ଲସ ୱିଙ୍ଗ୍ ସଭାନେତ୍ରୀ କ୍ଷୀରାବ୍ଧୀ ତନୟା ମଲ୍ଲିକ୍, ଯାଜପୁର ଜିଲା ଯୁବ ବିଜେଡି ଉପସଭାପତି ସୁବ୍ରତ ଧଳ, ଧର୍ମଶାଳା ଆଇଟି ୱିଙ୍ଗସ ସେଲ କୋଡିନେଟର ଚନ୍ଦନ ଓଝା, ଗାର୍ଲସ ୱିଙ୍ଗ୍ ଉପସଭାନେତ୍ରୀ ମଧୁସ୍ମିତା ମହାନ୍ତି, ସାଧାରଣ ସମ୍ପାଦିକା ସାହିନା ଖାତୁନ ପ୍ରମୁଖ ସାମିଲ ହୋଇଥିଲେ।

# ଯାଜପୁର ୨୩୭ ପଜିଟିଭ ଚିହ୍ନଟ

## ଟିକା ନ ପାଇ ଫେରିଲେ ଶତାଧିକ ଲୋକେ

ଯାଜପୁର ଟାଉନ,୨୬।୪(ଡି.ଏନ.ଏ.)

ଯାଜପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି । ଏହାକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ଟେଷ୍ଟ ବୃଦ୍ଧି କରାଯାଇଛି। ସୋମବାର ୧୨ଶହ ଲୋକଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା । ସେଥିମଧ୍ୟରୁ ୨୩୭ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ରବିବାର କରୋନା ଆକ୍ରାନ୍ତଙ୍କ ସଂଖା ୩୨୪ ଥିଲା। ସୋମବାର ସୁକିନ୍ଦା ଅଞ୍ଚଳରୁ ସର୍ବାଧିକ ୭୭ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ବିଂଝାରପୁର ୨୮, ଯାଜପୁର ୨୧, ବରୀ ୧୯, ବଡଚଣା ୧୭, ଧର୍ମଶାଳା ୧୮, ଦଶରଥପୁର ୧୩, କୋରାଇ ୭, ରସୁଲପୁର ୭ , ଯାଜପୁର ପୌରାଞ୍ଚଳରୁ ୧୪ ଓ ବ୍ୟାସନଗର ପୌରାଞ୍ଚଳରେ ୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସବୁଠାରୁ ଚିନ୍ତାର ବିଷୟ ୨ୟ ଲହରରେ ବହୁ ଯୁବପିଢ଼ୀ ଓ ଶିଶୁ ଆକ୍ରାନ୍ତ ହେଉଥିବା ସୂଚନା ମିଳିଛି। ସୋମବାର ଯାଜପୁର ଏନ୍‌ସି କଲେଜ ପାଖରେ ଥିବା କୋଭିଡ୍ କେୟାର ସେଣ୍ଟର ଖୋଲିଛି। ସେଠାରେ ଭେଣ୍ଟିଲେଟର ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ୧୫ଶହ ସ୍ୱାବ୍ ଟେଷ୍ଟ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଅପରପକ୍ଷେ କରୋନା ଭୟରେ ଲୋକମାନେ ଟିକା ନେବା ପାଇଁ ବ୍ୟସ୍ତ ହୋଇପଡିଛନ୍ତି। ସୋମବାର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ୧୫୦ଜଣ ଲୋକଙ୍କୁ ଟିକା ଦିଆଯାଇଛି । ହେଲେ ଶତାଧିକ ଲୋକ ଟିକା ଅଭାବରୁ ନିରାଶ ହୋଇ ଫେରିଯାଇଛନ୍ତି। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଟିକା ନ ଥିବାରୁ କେବଳ ନାମ ପଞ୍ଜିକରଣ କରାଯାଇଥିଲା । ସେହି ଲୋକମାନଙ୍କୁ ମଙ୍ଗଳବାର ଟିକା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି ।




# ୪୦ ଏକର ଜଙ୍ଗଲ ଜଳିଗଲା



ବଡ଼ଚଣା,୨୬।୪(ଡି.ଏନ.ଏ)

ଡ଼ାଲିଯୋଡ଼ା ବନଖଣ୍ଡ ଅଧୀନ ବୈରୀ ଉଚ୍ଚ ବିଦ୍ୟାଳୟ ପଛପଟ ଜଙ୍ଗଲରେ ନିଆଁ ଲାଗି ପ୍ରାୟ ୪୦ ଏକର ଜଙ୍ଗଲ ଜଳିଯାଇଛି। କେହି ଦୁର୍ବୃତ୍ତ ଜାଣିଶୁଣି ଏହି ଘଟଣା ଘଟାଇଥିବା ସାଧାରଣରେ ଆଲୋଚନା ହେଉଛି। ରବିବାର ଅପରାହ୍ନରେ ଜଙ୍ଗଲର ୫ରୁ ୭ ଜାଗାରେ ନିଆଁ ଜଳୁଥିବା ଦେଖାଯାଇଥିଲା। ସ୍ଥାନୀୟ ଜନସାଧାରଣ ଓ ବୈରୀ ବନ ବିଭାଗ ପହଞ୍ଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ସେଥିରେ ସାମିଲ ହୋଇ ବିଳମ୍ବିତ ରାତିରେ ନିଆଁକୁ ଆୟତ କରିଥିଲେ। ଏଥିରେ ଜଙ୍ଗଲର ବହୁ ଛୋଟ ବଡ଼ ଗଛ ଜଳିଯାଇଛି। ଏହି ଜଙ୍ଗଲ ନିଆଁ ଯୋଗୁ ବହୁ ଜୀବଜନ୍ତୁ ବିଭିନ୍ନ ଅଞ୍ଚଳକୁ ପଳାଇଯାଇଥିବା ଖବର ମିଳିଛି ।

# ମଦ ଦୋକାନ ସ୍ଥାନାନ୍ତର ଦାବିରେ ମହିଳାଙ୍କ ଭଙ୍ଗାରୁଜା

ଚଣ୍ଡିଖୋଲ,୨୬।୪(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁରରେ ଥିବା ଏକ ବିଦେଶୀ ଠିପି ବନ୍ଦ ମଦ ଦୋକାନକୁ ସ୍ଥାନାନ୍ତର କରିବା ଦାବିରେ ସୋମବାର ସ୍ଥାନୀୟ ମହିଳାମାନେ ଭଙ୍ଗାରୁଜା କରିବା ସହିତ ଟାୟାର ଜାଳି ବାଲିଚନ୍ଦ୍ରପୁର ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ପରେ ମହିଳାମାନେ ରାସ୍ତା ଉପରୁ ହଟିଥିଲେ।

ଗତ ୫ବର୍ଷ ହେବ ପତରାଜପୁରରେ ଏକ ବିଦେଶୀ ମଦଦୋକାନ ରହିଛି। ସେହି ଗ୍ରାମର ସଞ୍ଜୟ ସିଂହ ଏହାର ଲାଇସେନ୍ସ ପାଇଥିଲେ। ଚଳିତ ବର୍ଷ ଲଟେରୀ ମାଧ୍ୟମରେ ମଦ ଦୋକାନର ମାଲିକାନା ଅନ୍ୟ ଜଣେ ବାହାର ଲୋକ ପାଇବାରୁ ବିବାଦ ସୃଷ୍ଟି ହୋଇଥିଲା। ସ୍ଥାନୀୟ ମହିଳାମାନେ ସେଠାରୁ ମଦ ଦୋକାନ ହଟାଇବା ପାଇଁ ଗତ ୮ଦିନ ତଳେ ଯାଜପୁର ଜିଲାପାଳ ଓ ଅବକାରୀ ବିଭାଗକୁ ଚିଠି ଲେଖି ଅନୁରୋଧ କରିଥିଲେ। ପ୍ରଶାସନ କୌଣସି କଥା ନ ଶୁଣିବାରୁ ରବିବାର ମହିଳାମାନେ ମଦ ଦୋକାନର ବାହାରପଟ ଭଙ୍ଗାରୁଜା କରିବା ସହିତ ରାସ୍ତାଉପରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ପୂର୍ବରୁ ଯାହାଙ୍କ ନାମରେ ଲାଇସେନ୍‌ସ ଥିଲା ସେ ଗ୍ରାମର ଲୋକ ବୋଲି ଆଜି ପର୍ଯ୍ୟନ୍ତ ପ୍ରତିବାଦ ହେଉ ନ ଥିଲା। ବାହାର ଲୋକ ଏହି ଲାଇସେନ୍‌ସ ଲଟେରୀ ମାଧ୍ୟମରେ ପାଇବା ପରେ ପୂର୍ବତନ ଲାଇସେନ୍ସ ପାଇଥିବା ଦୋକାନୀ ଏଭଳି ଘଟଣା ଘଟାଉ ଥିବା ଜଣାପଡ଼ୁଛି।



ମହିଳାମାନେ ମଦଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଅଧା ଜିଲା ପରିଷଦ ସଭ୍ୟଙ୍କ ଦାବି ବରାଦୀ ବୈଠକ

**କେନ୍ଦ୍ରାପଡ଼ା ଅଫିସ, ୨୬।୪:** କେନ୍ଦ୍ରାପଡ଼ା ଜିଲାର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେଉନାହିଁ। କରୋନା ସଂକ୍ରମଣ ସମୟରେ ଏହାର ସୁପରିଚାଳନା କରି ଜିଲାର ୩୨ ଜିଲା ପରିଷଦ ମଧ୍ୟରୁ ୧୬ ସଭ୍ୟ ଏକ ବରାଦୀ ବୈଠକ ପାଇଁ ସୋମବାର ଦାବି କରିଛନ୍ତି। ଏ ନେଇ ଲିଖିତ ପତ୍ର ପରିଷଦର ଅଧକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟ ଧନଞ୍ଜୟ ବୋଷ, ଗଣେଶ ଚନ୍ଦ୍ର ସାମଲ, ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ କହିଛନ୍ତି, କୋଭିଡ୍ ୧୯ର ଦ୍ୱିତୀୟ ଲହର ଜିଲାରେ ଆରମ୍ଭ ହୋଇଯାଇଛି। ଏହାର ପରିଚାଳନା ସହ ୧୫ଶ ସିଏଫ୍‌ସି ବେସିକ ଗ୍ରାଣ୍ଟ, ଏମ୍‌ଭି ଟ୍ୟାକ୍ସ ଗ୍ରାଣ୍ଟ, ଗ୍ରାଣ୍ଟ ଇନ୍ ଏଡ୍ ଓ ଏମ୍‌ଜିଏନ୍‌ଆରଇଜିଏସ୍ ସମ୍ପର୍କରେ ଆଲୋଚନା ହେବା ଜରୁରୀ ହୋଇଥିବାରୁ ବରାଦୀ ବୈଠକ ଦାବି କରାଯାଇଛି।

### ୪ ତୃତୀୟ ଲିଙ୍ଗୀଙ୍କୁ ଭତ୍ତା ପ୍ରଦାନ

**କେନ୍ଦ୍ରାପଡ଼ା ଅଫିସ, ୨୬।୪:** କେନ୍ଦ୍ରାପଡ଼ା ଜିଲାରେ ମୋଟ ୯ ଜଣ ତୃତୀୟ ଲିଙ୍ଗୀଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କୁ ପୂର୍ବରୁ ପରିଚୟ ପତ୍ର ଦିଆଯାଇଥିଲା। ଏହି ପରିଚୟ ପତ୍ରଧାରୀଙ୍କୁ ପ୍ରଥମ ଥର ପାଇଁ ମଧୁବାବୁ ପେନ୍‌ସନ ଯୋଜନାରେ ସୋମବାର ଭତ୍ତା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ କହିଛନ୍ତି, କେନ୍ଦ୍ର ସରକାର ତୃତୀୟ ଲିଙ୍ଗୀଙ୍କ ସୁରକ୍ଷା ପାଇଁ ୨୦୧୯ରେ ଏକ ଆଇନ ଆଣିଛନ୍ତି। ଏହି ଆଇନ ଅନ୍ତର୍ଗତ ସ୍ୱୀକୃତି ଯୋଜନାରେ ପ୍ରଶାସନ ପକ୍ଷରୁ ପୂର୍ବରୁ ପରିଚୟପତ୍ର ପ୍ରଦାନ କରାଯାଇଥିବା ବେଳେ ଏବେ ଭତ୍ତା ଯୋଜନାରେ ସେମାନଙ୍କୁ ସାମିଲ କରାଯାଇଛି। ଯୋଜନା ଅନୁଯାୟୀ ମାସକୁ ୫୦୦ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦାସ ପ୍ରକାଶ କରିଛନ୍ତି।

### ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଦୁର୍ବୃତ୍ତ

**ବାଲିକୁଦା, ୨୬।୪(ସ୍ୱ.ପ୍ର):** ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ରାତିରେ କୌଣସି ଦୁର୍ବୃତ୍ତ ତାଲା ପକାଇଦେଇଥିଲେ। ସୋମବାର ସକାଳେ ସରପଞ୍ଚ ତନୁଲତା ସେଠୀ କାର୍ଯ୍ୟାଳୟରେ ପହଞ୍ଚି ତାଲା ଭାଙ୍ଗିଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଗତ କିଛି ଦିନ ହେବ ଏହି ପଞ୍ଚାୟତରେ ୱାର୍ଡ ସଭ୍ୟା/ସଭ୍ୟଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଛି। ଗୋଟିଏ ଗୋଷ୍ଠୀ ନାଏବ ସରପଞ୍ଚ ସନ୍ତୋଷ ରାଉତଙ୍କୁ ସମର୍ଥନ କରୁଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ସରପଞ୍ଚ ସେଠୀଙ୍କୁ ସମର୍ଥନ କରୁଛନ୍ତି। ଗତ ୪ ଦିନ ପୂର୍ବେ ପଞ୍ଚାୟତ ବୈଠକ ନିମନ୍ତେ ନୋଟିସକୁ ନେଇ ରାଉତ ଓ ସେଠୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏନେଇ ବିଡିଓଙ୍କ ନିକଟରେ ସେଠୀ ଅଭିଯୋଗ କରିଥିଲେ। ଏବେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡ଼ିବାକୁ ନେଇ ସେଠୀ ଓ ରାଉତ ପରସ୍ପର ଦୋଷ ଦେଉଥିବାବେଳେ ପ୍ରକୃତରେ କାହାର ସମ୍ପୃକ୍ତି ରହିଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଲୁଣା ନଦୀର ଜଳସ୍ତର କମୁଛି

**କେନ୍ଦ୍ରାପଡ଼ା ଅଫିସ, ୨୬।୪**

**ଚାଷ ଜମି ପଡ଼ିଆ ପଡ଼ିବାକୁ ନେଇ ଚିନ୍ତା**
- ନଦୀର ଗତିପଥ ପରିବର୍ତ୍ତନ ହେଉଛି
- ସହରର ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ଆଶଙ୍କା


କଳପଡ଼ାଠାରେ ଲୁଣାନଦୀର ଜଳସ୍ରୋତ କମିବାରେ ଲାଗିଛି।

୨୦୨୦ ଡିସେମ୍ବରରୁ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଲୁଣା ନଦୀର ଜଳସ୍ତର କମିବାରେ ଲାଗିଛି। ଫଳରେ ଆଗାମୀ ଦିନରେ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ପିଇବା ପାଣି ସମସ୍ୟା ଉଭା ହେବ। ଏଥିସହ ନଦୀ ଅବବାହିକାରେ ଥିବା ଚାଷ ଜମି ପଡିଆ ପଡିବା ଆଶଙ୍କା ଦେଖାଦେଇଛି। ଲୁଣା ନଦୀରୁ ବେଆଇନ ଭାବେ ବାଲି ଉଠା ଯାଉଥିବାରୁ ନଦୀପଥର ପରିବର୍ତ୍ତନ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାରେ ପ୍ରବାହିତ ନଦୀଗୁଡିକର ସଂଯୋଗୀକରଣ ପରେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

କେନ୍ଦ୍ରାପଡା ସହରସ୍ଥ ଖଡିଅଙ୍ଗର କ୍ଷୀତିଶ କୁମାର ସିଂହ କହିଛନ୍ତି, ସହରକୁ ପାଣି ଯୋଗାଣ ପାଇଁ ପିଏଚଡି ଓ ଜଳ ସମ୍ପଦ ବିଭାଗର ସମନ୍ୱୟରେ ଲୁଣା ନଦୀର କଳପଡାଠାରୁ ପାଣି ଉଠାଯାଉଛି। ଗତ ଜାନୁୟାରୀରୁ ନଦୀର ପମ୍ପ ହାଉସ ପାଖ ଶୁଖିଲା ପଡିଛି। ଏଥିପାଇଁ ଅପରପାର୍ଶ୍ୱରୁ ଏକ ନାଳି ଖୋଳା ଯାଇ ପମ୍ପ ହାଉସ ନିକଟକୁ ପାଣି ଅଣାଯାଉଥିଲା। ଏହି ନାଳି ଏବେ ଶୁଖିଲା ଅବସ୍ଥାକୁ ଆସିଗଲାଣି। ଏଭଳିସ୍ଥିତି ଲାଗି ରହିଲେ ଆସନ୍ତା ୧୫ଦିନ ମଧ୍ୟରେ ସହରକୁ ଜଳ ଯୋଗାଣ ବନ୍ଦ ହୋଇଯିବ। ବୁଦ୍ଧିଜୀବୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପଡାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ, ଅଙ୍ଗୁଳାଇ ଆଦି ସ୍ଥାନରେ ଲୁଣାନଦୀର ଚେକ୍‌ଡ୍ୟାମ ହୋଇଛି। ପାନୀୟ ଜଳ ଯୋଗାଣ ସହ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ହେବା କଥା। ତେବେ ଖରା ଆରମ୍ଭରୁ ଲୁଣା ନଦୀ ଜଳସ୍ତର ହ୍ରାସ ପାଇଥିବାରୁ ପ୍ରାୟ ୧୦ ହଜାର ହେକ୍ଟର ଜମି ପଡିଆ ପଡିବ ବୋଲି ଆକଳନ କରାଯାଉଛି। ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଲୁଣା ନଦୀ କେନ୍ଦ୍ରାପଡ଼ା ମଧ୍ୟ ଦେଇ ପ୍ରବାହିତ ହେଉଛି। ନଦୀର ଲମ୍ୱ ୭୩ କି.ମି. ହୋଇଥିବା ବେଳେ ବ୍ରିଟିଶ ଶାସନ ସମୟରେ ଏହି ବାଟ ଦେଇ ନୌବାଣିଜ୍ୟ ହେଉଥିଲା। ତେବେ ଏହାର ରକ୍ଷଣାବେକ୍ଷଣ ଅଭାବ, ବେଆଇନ ବାଲି ଓ ମାଟି ଉଠାଣ, ଜବରଦଖଲ ହେତୁ ଏବେ ନଦୀର ଗତିପଥ ପରିବର୍ତ୍ତନ ହୋଇଛି। ଜିଲାର ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ୧୫,୮୫୦ ହେକ୍ଟର ଚାଷ ଜମିରୁ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେହିପରି ଜିଲାର ୩୨,୩୫୦ ହେକ୍ଟର ଚାଷ ଜମି ଲୁଣା। ବର୍ଷାଦିନେ ୩୪,୯୫୨ ହେକ୍ଟର ଜମିରେ ବନ୍ୟା ଜଳ ମାଡିଯାଉଛି। ଜିଲାର ୮୪,୯୧୦ ହେକ୍ଟର ଜମିକୁ ମରୁଡି ଅଞ୍ଚଳ ଘୋଷଣା କରାଯାଇଛି। ନଦୀ ଓ ମୁଖ୍ୟ କେନାଲଗୁଡିକର ଜଳ ପରିଚାଳନା ପାଇଁ ଜିଲା ପରିଷଦରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଲୁଣା ନଦୀର ଜଳସେଚନ ଫଳରେ ଜିଲାରେ ଧାନ ସହ ରବି ଫସଲ ଓ ନଳିତା, ବାଦାମ ଆଖୁ ପରି ଅର୍ଥକରୀ ଫସଲ, ପନିପରିବା ଚାଷ ହେଉଥିଲା। ତେବେ କିଛିବର୍ଷ ଧରି ଏହି ନଦୀର ଜଳସ୍ତର କମିବାରେ ଲାଗିଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ ସରକାରଙ୍କ ବନ୍ଧ ନିର୍ମାଣ ଫଳରେ ଏଭଳିସ୍ଥିତି ଉପୁଜିଛି ବୋଲି ସେ ମତ ଦେଇଛନ୍ତି। କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାରେ ୭ ନଦୀ ପ୍ରବାହିତ ହେଉଛି। ଏହି ନଦୀଗୁଡ଼ିକୁ ସଂଯୋଗୀକରଣ କରାଯାଇ ବିଭିନ୍ନ ସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ ଜିଲାର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରନ୍ତା। ଏ ନେଇ ପ୍ରଶାସକ ଓ ସ୍ଥାନୀୟ ରାଜନେତା କୌଣସି ପଦକ୍ଷେପ ନେଉନାହାନ୍ତି। ଆଗାମୀଦିନରେ ଚାଷ ସହ ପାନୀୟ ଜଳ ଜିଲା ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କୁ ପଚାରିବାରେ ଲୁଣା ନଦୀର ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନା ଚାଲୁ ରହିଛି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆର୍ଥିକ ଅନୁଦାନ ଆସିଛି। ଖୁବ୍‌ଶୀଘ୍ର ଜିଲାବାସୀ ଏହାର ସୁଫଳ ପାଇବେ ବୋଲି ସେ କହିଛନ୍ତି।

## ଦିଲ୍ଲୀରେ କରୋନା ଆକ୍ରାନ୍ତ ଓଡ଼ିଆ ଯୁବକଙ୍କ ମୃତ୍ୟୁ


ଅନନ୍ତ ତ୍ରିପାଠୀ।

**ପଟ୍ଟାମୁଣ୍ଡାଇ, ୨୬।୪(ସ୍ୱ.ପ୍ର.)**

କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଏ ଡାକ୍ତରଖାନାରୁ ସେ ଡାକ୍ତରଖାନା ଦୌଡି ଦୌଡି ଶେଷରେ ଜଣେ ଓଡ଼ିଆ ଯୁବକ ଦିଲ୍ଲୀରେ ଆଖି ବୁଜି ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବାଲିପଡା ଗାଁର ଯଦୁନାଥ ତ୍ରିପାଠୀଙ୍କ ସାନ ପୁଅ ଅନନ୍ତ (୫୧) ଦିଲ୍ଲୀ ସେକ୍ରେଟାରୀଏଟରେ ସୁରକ୍ଷା ବିଭାଗ ପ୍ରାଇଭେଟ ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ସୋମବାର ହଠାତ ତାଙ୍କୁ ଜ୍ୱର ହେବାରୁ ଚିକିତ୍ସା ପାଇଁ ଡାକ୍ତରଖାନା ଯାଇଥିଲେ। ମାତ୍ର କେଉଁଠି ସ୍ଥାନ ନ ପାଇ ଶେଷରେ ବାତରା ଡାକ୍ତରଖାନା ବାରଣ୍ଡାରେ ପଡିଥିଲେ। ଅକ୍ସିଜେନ ନ ଥିବାରୁ ଡାକ୍ତର ତାଙ୍କୁ ଚିକିତ୍ସା କରି ନ ଥିଲେ। ଚିକିତ୍ସା ଓ ଅକ୍ସିଜେନ ଅଭାବରୁ ସୋମବାର ରାତି ୧୨ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ନିକଟରେ ତାଙ୍କ ସ୍ତ୍ରୀ ନିବେଦିତ ଓ ୧୭ ବର୍ଷର ଝିଅ ଅନନ୍ୟା ଉପସ୍ଥିତ ଥିଲେ। ଅନନ୍ତଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦିଲ୍ଲୀରେ ତାଙ୍କର ଶେଷକୃତ୍ୟ କରାଯିବା ପାଇଁ ୪୭ ହଜାର ଟଙ୍କା ଦେବାକୁ ପଡିଥିଲା ବୋଲି ତାଙ୍କ ବଡ ଭାଇ ବିଜୟ କହିଛନ୍ତି।

## ଗଡ୍‌ରେଜ ଭାଙ୍ଗି ସୁନାରୁପା ଅଳଙ୍କାର ଚୋରି

**ଡେରାବିଶ, ୨୬।୪(ସ୍ୱ.ପ୍ର.)**



ଡେରାବିଶ ଥାନା ପଣ୍ଡିତପାଟଣା ଗ୍ରାମରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଘରେ କେହି ନ ଥିବାବେଳେ ଏହାର ସୁଯୋଗ ନେଇ ରବିବାର ରାତିରେ ଘରର ଗ୍ରୀଲ କାଟି ଚୋରମାନେ ଘରେ ପଶି ଚୋରି କରିଛନ୍ତି। ପଣ୍ଡିତପାଟଣା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଶତପଥୀ ଓ ତାଙ୍କ ପତ୍ନୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉତମାସୁନ୍ଦରୀ ସପରିବାରେ ରୁହନ୍ତି। ତାଙ୍କ ପିଲାମାନେ ବାହାରେ ରହୁଥିବାରୁ କେବଳ ଶିକ୍ଷକ ଦମ୍ପତି ଘରେ ରୁହନ୍ତି। କିଛିଦିନ ତଳେ ଶତପଥୀଙ୍କ ଶରୀର ଅସୁସ୍ଥ ହେବାରୁ ଭୁବନେଶ୍ୱରରେ ଥିବା ଝିଅ ଘରକୁ ଚିକିତ୍ସା ନିମନ୍ତେ ଯାଇଥିଲେ। ରବିବାର ରାତିରେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ଏଥିସହ ସମସ୍ତ ଗଡ଼ରେଜ ଆଲମିରା ଖୋଲି ସମସ୍ତ ସୁନାରୁପା ଗହଣା ଚୋରି କରି ନେଇ ଯାଇଛନ୍ତି। ସୋମବାର ସକାଳୁ ପଡ଼ୋଶୀ ଶତପଥୀଙ୍କ ଘରର କବାଟ ଖୋଲାଥିବା ଦେଖି ତାଙ୍କୁ ଖବର ଦେଇଥିଲେ। ପରେ ଦମ୍ପତିଙ୍କ ବୋହୂ ମଧୁସ୍ମିତା ଘରକୁ ଆସି ଚୋରି ଘଟଣା ଜାଣିବା ପରେ ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିଛି।

# ଚିଙ୍ଗୁଡ଼ି ବ୍ୟବସାୟୀଙ୍କ ମଧ୍ୟରେ କୋକୁଆଭୟ


ସୁନୀତି ଅଞ୍ଚଳରେ ଘେରି ଉଚ୍ଛେଦ ଅଭିଯାନକୁ ବନ୍ଦ କରିବାକୁ ଜଣେ ଗରିବ ଚାଷୀ ତହସିଲଦାରଙ୍କ ନିକଟରେ ଗୁହାରି କରୁଛନ୍ତି।

**ମହାକାଳପଡ଼ା, ୨୬।୪(ଡି.ଏନ.ଏ.)**

- ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଚିଙ୍ଗୁଡି ଘେରି ଉଚ୍ଛେଦ
- ଉଚ୍ଛେଦ ବନ୍ଦ ପାଇଁ ଗରିବ ଚାଷୀଙ୍କ ଗୁହାରି

କେନ୍ଦ୍ରାପଡ଼ା ଜିଲାର ଉପକୂଳ ଅଞ୍ଚଳରେ ଶତାଧିକ ସରକାରୀ ଜଙ୍ଗଲ ଜମିରେ ଚିଙ୍ଗୁଡି ଘେରି ଗଢିଉଠିଛି। ୨୦୧୮ରେ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ଅଭିଯାନକୁ ଜୋର୍‌ଦାର କରିବାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ କିଛିଦିନ ପରେ ଏହି ଚିଙ୍ଗୁଡି ଘେରି ଉଚ୍ଛେଦ ଅଭିଯାନ ଜିଲାରେ ଜୋରଦାର କରାଯାଇଛି। ତେବେ ଏହାକୁ ନେଇ ଅଞ୍ଚଳରେ ବିଭିନ୍ନ ଚିଙ୍ଗୁଡି ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ହେଲେ ଗରିବ ଚାଷୀ ଚିଙ୍ଗୁଡି ଘେରି ଉଚ୍ଛେଦ ନ କରିବାକୁ ତହସିଲଦାରଙ୍କୁ ଗୁହାରି କରୁଥିବା ଶନିବାର ଦେଖିବାକୁ ମିଳିଥିଲା। ସେମାନଙ୍କ କହିବା କଥା, ଗତବର୍ଷ ଚିଙ୍ଗୁଡି ଘେରିରୁ କିଛି ବି ଲାଭ ପାଇ ନ ଥିଲୁ। ଚଳିତବର୍ଷ ଲକ୍ଷାଧିକ ଟଙ୍କା ଧାର, କରଜ କରି ଚାଷ କରିଛୁ। ଘେରି ଉଚ୍ଛେଦ ହୋଇଗଲେ ମହାଜନର ଟଙ୍କା ଶୁଝି ପାରିବୁ ନାହିଁ। ପରିବାର କିଭଳି ଚଳାଇବୁ ବୋଲି ସେମାନେ କହିଥିଲେ। ହେଲେ ଆଇନ ଆଗର ସମସ୍ତେ ସମାନ ବୋଲି ତହସିଲଦାର ଚାଷୀଙ୍କୁ କହିଥିଲେ।

ମିଳିଥିବା ସୂଚନା ଅନୁସାରେ, ମହାକାଳପଡ଼ା ବ୍ଲକ ଅଧୀନ ଉପକୂଳ ଅଞ୍ଚଳରେ ଶତାଧିକ ସରକାରୀ ଜଙ୍ଗଲ ଜମିରେ ବେଆଇନ ଚିଙ୍ଗୁଡି ଘେରି ନିର୍ମାଣ କରି ଚାଷୀ ବିପୁଳ ଅର୍ଥଲାଭ କରୁଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ଗତ ୨୦ ତାରିଖଠାରୁ ବ୍ଲକର ସୁନୀତି ପଞ୍ଚାୟତର ସୁନୀତି, ଅଠରବାଙ୍କି, ବୋବାଙ୍ଗଡିହ, ବେଣାକନ୍ଧା, ସୁନୀତି ଗୋଛାୟତପଡ଼ା ଆଦି ଅଞ୍ଚଳରେ ବେଆଇନ ୩୦ ଏକରରୁ ଅଧିକ ଚିଙ୍ଗୁଡି ଘେରି ଉଚ୍ଛେଦ ହୋଇସାରିଛି। ଏଥିରେ କେତେଜଣ ଗରିବ ଚାଷୀ ଚିଙ୍ଗୁଡି ଘେରି ଉଚ୍ଛେଦକୁ ବନ୍ଦ କରିବାକୁ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କ ନିକଟରେ ହାତ ଯୋଡି ଗୁହାରି କରିଥିବା ଦେଖିବାକୁ ମିଳିଛି। ତହସିଲଦାର ପଣ୍ଡାଙ୍କ କହିବା କଥା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଉଛି। ଆଇନ ଅନୁଯାୟୀ କାର୍ଯ୍ୟ ହେଉଛି। ସେହିପରି ଆଗକୁ ଘେରି ଉଚ୍ଛେଦ ଅଭିଯାନ ଜୋରଦାର ହେବ ବୋଲି ତହସିଲଦାର ପଣ୍ଡା କହିଛନ୍ତି। ସେହିପରି ଜମ୍ଭୁ, ବତିଘର, ଖରିନାସୀ, ରାମନଗର, ପେଟଛେଲା, ବଉଳକଣି, କଂସାରବଡ଼ ଦାଣ୍ଡୁଆ, ନାଞ୍ଜୁରା ଆଦି ପଞ୍ଚାୟତରେ ବିପୁଳ ପରିମାଣରେ ସରକାରୀ, ବେସରକାରୀ ଜମିରେ ବେଆଇନ ଚିଙ୍ଗୁଡି ଘେରି ନିର୍ମାଣ ଦେଖିବାକୁ ମିଳିଛି। ଏହି ଚିଙ୍ଗୁଡି ଘେରିର ବର୍ଜ୍ୟବସ୍ତୁ ରାସାୟନିକ ପାଣି ନଦୀକୁ ନିଷ୍କାସିତ ହୋଇ ଜଳ ପ୍ରଦୂଷିତ ହେଉଥିବା ଦୀର୍ଘଦିନ ହେବ ଅଭିଯୋଗ ହୋଇଆସୁଛି। ପରେ ସରକାରୀ ଜଙ୍ଗଲ ଜମିରେ ଘେରି ଉଚ୍ଛେଦ ହେବା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା।

## ଯୁକ୍ତ ଦୁଇ ପରୀକ୍ଷା ବାତିଲ ଦାବି

**କେନ୍ଦ୍ରାପଡ଼ା ଅଫିସ, ୨୬।୪**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମାଟ୍ରିକ୍ ପରୀକ୍ଷାକୁ ବାତିଲ କରିଛନ୍ତି। ଏହିକ୍ରମରେ କେନ୍ଦ୍ରାପଡ଼ା ଜିଲାର ଯୁକ୍ତ ଦୁଇ ପରୀକ୍ଷା ବାତିଲ ପାଇଁ ବିଭିନ୍ନ କଲେଜର ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ସୋମବାର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ଛାତ୍ର ସୂର୍ଯ୍ୟମଣି ଦାଶ କହିଛନ୍ତି, କରୋନା ସଂକ୍ରମଣ ପାଇଁ କଲେଜ ବନ୍ଦ ରହିଛି। ଅନ୍‌ଲାଇନ କ୍ଲାସ ହେଉଥିଲେ ମଧ୍ୟ ଏଥିରେ ସବୁ ଛାତ୍ର ବିଭିନ୍ନ କାରଣରୁ ଭାଗ ନେଇ ପାରୁନାହାନ୍ତି। ଫଳରେ ପାଠପଢ଼ା ଠିକ ଢଙ୍ଗରେ ହୋଇନାହିଁ। ଏହାବ୍ୟତୀତ କରୋନା ସଂକ୍ରମଣ ଦୃଷ୍ଟିରୁ ପରୀକ୍ଷା ବାତିଲ ପାଇଁ ଦାବି ହୋଇଛି।

## ଦୁର୍ଘଟଣାରେ ଦମ୍ପତି ଗୁରୁତର

**ଧର୍ମଶାଳା, ୨୬।୪(ଡି.ଏନ.ଏ.)**

ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଜାରକା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଦମ୍ପତି ଗୁରୁତର ହୋଇଛନ୍ତି । ଆହତ ଦମ୍ପତି ହେଲେ ଟାଙ୍ଗୀ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ସୂର୍ଯ୍ୟମଣି ନାୟକ (୫୨) ଓ ତାଙ୍କ ସ୍ତ୍ରୀ ପାର୍ବତୀ (୪୮)। ସୋମବାର ପୂର୍ବାହ୍ନରେ ଏହି ଦମ୍ପତି ବାଇକ୍(ନଂ.ଓଡି୦୫ଏବି-୪୪୭୨)ରେ ଏକ ଘରୋଇ ଡାକ୍ତରଖାନାକୁ ଆସି ଫେରୁଥିବା ବେଳେ ଏକ ଟ୍ରକ (ନଂ.ଓଡି୦୯ଜି-୫୩୮୫) ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ସେମାନଙ୍କ ଗୋଡ ଉପରେ ଟ୍ରକ ଚକ ମାଡିଯାଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

## ୩୧ ଗ୍ରାମ ବ୍ରାଉନ୍‌ସୁଗାର ଜବତ: ୨ ଗିରଫ

**ଜଗତ୍‌ସିଂହପୁର ଅଫିସ, ୨୬।୪**

ଜଗତ୍‌ସିଂହପୁର ଥାନା ଅଧୀନ ଗୋପାଳସାଗରସ୍ଥିତ ଏକ ସିନେମା ହଲ୍ ପଛ ରାସ୍ତାରୁ ସୋମବାର ୩୧ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ଜଳାରପୁର ନିକଟ ୱାଉପଲି ଗ୍ରାମର ଭକ୍ତ ଚରଣ ନାୟକ(୩୩) ଓ ତୋଟାସାହିର ସନ୍ତୁନା କୁମାର ଭୋଇ (୪୦)। ଭକ୍ତଙ୍କଠାରୁ ୧୬ ଓ ସନ୍ତୁନାଙ୍କଠାରୁ ୧୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ସେମାନଙ୍କ ନିକଟରୁ ଏକ ବାଇକ୍ (ନଂ. ଓଡି ୨୧ସି ୬୧୪୧) ମଧ୍ୟ ଜବତ ହୋଇଛି। ଅବକାରୀ ଇନ୍ସପେକ୍ଟର ପ୍ରତାପ କୁମାର ଦାସ, ଜଗତ୍‌ସିଂହପୁର ଅବକାରୀ ଥାନା ଓଆଇସି ସସ୍ମିତା ହୋତାଙ୍କ ରିପୋର୍ଟ ଆଧାରରେ ମାମଲା (ନଂ. ୫/୨୧ ଓ ୭/୨୧) ରୁଜୁ ହୋଇଛି।


ବ୍ରାଉନ୍‌ସୁଗାର ରଖିବା ଅଭିଯୋଗରେ ଗିରଫ ହୋଇଥିବା ୨ ଅଭିଯୁକ୍ତ

## ଗ୍ରାମବାସୀଙ୍କ ବିରୋଧ

**ବାଲିକୁଦା, ୨୬।୪(ସ୍ୱ.ପ୍ର.)**

**ଗୋଚର ଜମିରେ ବେଆଇନ ମଣ୍ଡପ ନିର୍ମାଣ**

ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତ ଅନ୍ତର୍ଗତ କୁନ୍ଦୁପୁର ଗାଁରେ ଏକ ଗୋଚର ଜମିରେ ବେଆଇନଭାବେ ମଣ୍ଡପ ନିର୍ମାଣ କରାଯାଉଛି। ଏନେଇ ଗ୍ରାମବାସୀ ସୋମବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଉପଜିଲାପାଳ, ବାଲିକୁଦା ବିଡିଓ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବ୍ଲକ ଯନ୍ତ୍ରୀ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ଅଭିଯୋଗର ଗୋଟିଏ ଲେଖାଏ ନକଲ ପଠାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ଖାତା ନମ୍ବର ୩୧୮ ପ୍ଲଟ ନମ୍ବର ୨୬୧ ଗୋଚର କିସମ ହୋଇଥିବାବେଳେ ସେଠାରେ ବେଆଇନ ଭାବେ ମଣ୍ଡପ ନିର୍ମାଣ କରାଯାଉଛି। ଏହି ନିର୍ମାଣସ୍ଥଳୀ ନିକଟରେ ଏକ ବିଦ୍ୟାଳୟ ରହିଛି। ପାଠ ପଢା ସମୟରେ ମଣ୍ଡପରେ ନାନା ପ୍ରକାର ଲୋକ ବସି ଆଡ୍ଡା ଜମାଇବାର ସମ୍ଭାବନା ରହିଛି। ଫଳରେ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାଛଡ଼ା ମଣ୍ଡପ ନିର୍ମାଣ କରାଗଲେ ବର୍ଷାଦିନେ ଉଦ୍‌ବୃତ୍ତ ଜଳ ନିଷ୍କାସନରେ ବାଧା ଉପୁଜିବାର ଆଶଙ୍କା ରହିଛି। ଉକ୍ତ ଗୋଚର ଜମିରୁ ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ତହସିଲଦାରଙ୍କୁ ଅଭିଯୋଗପତ୍ର ପ୍ରଦାନ ସମୟରେ ଗୌରାଙ୍ଗ ଖଟୁଆ, ବସନ୍ତ ସାହୁ, ସୁଦର୍ଶନ ବେହେରା, ଗୀତାଞ୍ଜଳୀ ସାହୁ, ଅଶୋକ ସାହୁ, ସଞ୍ଜୁକ୍ତା ସାହୁ, ଓ କେଦାରନାଥ ଓଝା ପ୍ରମୁଖ ସାମିଲ ହୋଇଥିଲେ।

# ଅନ୍‌ଲାଇନ କ୍ଲାସ୍ ପ୍ରହସନ ପାଲଟିଛି

**ଜଗତ୍‌ସିଂହପୁର ଅଫିସ, ୨୬।୪**

- ୩୮.୯୧% ଛାତ୍ରୀଛାତ୍ରଙ୍କ ଘରେ ସ୍ମାର୍ଟ ଫୋନ ଅଛି
- ୪୧.୩୧% ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସାମିଲ ରହିଛନ୍ତି
- ଉପସ୍ଥାନ ସମ୍ପର୍କିତ ତଥ୍ୟ ନାହିଁ

୨୦୨୦ ମାର୍ଚ୍ଚରୁ କରୋନା ସଂକ୍ରମଣ ଜାରି ରହିଛି। କିଛିଦିନ ଏହି ସଂଖ୍ୟା କମିଥିଲେ ସୁଦ୍ଧା ଏବେ ଦ୍ରୁତଗତିରେ ବଢ଼ିଚାଲିଛି। ଏହି ସମୟରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମସ୍ୟାକୁ ଦୂର କରିବାକୁ ରାଜ୍ୟ ସରକାର ଅନ୍‌ଲାଇନ୍ କ୍ଲାସ୍ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ତାହା ପ୍ରହସନ ପାଲଟିଛି। ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ସରକାରୀ, ଅନୁଦାନପ୍ରାପ୍ତ, ବେସରକାରୀ ଓ ଅନ୍ୟାନ୍ୟ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ହେଉଛି ୭୯,୯୧୬। ସେହିପରି ଉଚ୍ଚ ପ୍ରାଥମିକ ଛାତ୍ରୀଛାତ୍ରଙ୍କ ସଂଖ୍ୟା (୬ଷ୍ଠ-୮ମ) ୪୨,୯୩୧ ଓ ମାଧ୍ୟମିକ(୯ମ-୧୦ମ) ବିଦ୍ୟାଳୟ ଛାତ୍ରୀଛାତ୍ର ସଂଖ୍ୟା ୨୯,୪୮୭ ରହିଛି ମୋଟ ଉପରେ ଜିଲାରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧,୪୮,୪୧୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ପିଲାମାନଙ୍କ ମଧ୍ୟରୁ ୯୬,୪୫୯ ଜଣଙ୍କୁ ଶିକ୍ଷା ସଂଯୋଗରେ ଅର୍ଥାତ୍ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀର ୪୩୭୩, ଦ୍ୱିତୀୟ ୮୬୬୫, ତୃତୀୟ ୮୮୪୬, ଚତୁର୍ଥ ୯୪୩୬, ପଞ୍ଚମ ୯୫୯୭, ଷଷ୍ଠ ୮୩୫୯, ସପ୍ତମ ୧୧୦୮୨, ଅଷ୍ଟମ ୧୦୮୨୧, ନବମ ୧୧୯୩୫ ଓ ଦଶମରେ ୧୩୩୪୫ ଛାତ୍ରୀଛାତ୍ର ରହିଛନ୍ତି। ମୋଟ ଉପରେ ୬୮.୫୪% ପିଲାଙ୍କ ଘରେ ଟିଭି ରହିଛି । କିନ୍ତୁ ସ୍ମାର୍ଟ ଫୋନ୍ ଅଛି ମାତ୍ର ୩୮.୯୧%ଙ୍କ ଘରେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀର ୨୪.୮୮%, ଦ୍ୱିତୀୟ ୩୪.୦୮%, ତୃତୀୟ ୩୪.୭୩%, ଚତୁର୍ଥ ୩୬.୦୨%, ପଞ୍ଚମ ୩୭.୬%, ଷଷ୍ଠ ୩୫.୦୪%, ସପ୍ତମ ୩୮.୦୨%, ଅଷ୍ଟମ ୩୯.୨୨%, ନବମ ୪୬.୪୯% ଓ ଦଶମର ୪୮.୫୫% ଜଣ ହ୍ୱାଟ୍ସଆପ୍ ବ୍ୟବହାର କରୁଛନ୍ତି। ଅନ୍ୟ ସାଧାରଣ ଫୋନ ୫୭.୭୧%ଙ୍କ ଘରେ ରହିଛି। ଏହି ସାଧାରଣ ଫୋନ୍‌ରେ ହ୍ୱାଟ୍ସଆପ୍‌ର ସୁବିଧା ନାହିଁ। ଏଭଳିସ୍ଥିତିରେ କେବଳ ୪୧.୩୧%ଙ୍କୁ ଶିକ୍ଷା ସଂଯୋଗରେ ସାମିଲ କରାଯାଇଛି। କିନ୍ତୁ କେତେ ପିଲା ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଅଂଶଗ୍ରହଣ କରୁଛନ୍ତି ତା'ଉପରେ ପୂର୍ଣ୍ଣ ତଥ୍ୟ ନାହିଁ। କେବଳ ଉପରଠାଉରିଆ ଭାବେ ୨୫ରୁ ୩୦ ପ୍ରତିଶତ ରହୁଥିବା କୁହାଯାଉଛି। ବାସ୍ତବରେ ଏହି ଚିତ୍ରକୁ ନେଇ କେତେଜଣ ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ ପ୍ରତିକ୍ରିୟା ହେଉଛି, ସରକାରୀ ତଥ୍ୟ କେବଳ କାଗଜକଲମରେ ସୀମିତ ରହିଛି। କାରଣ ଶ୍ରେଣୀ ଅନୁଯାୟୀ ଉପସ୍ଥାନ ନିଆଯାଉନାହିଁ। କୌଣସି ଶ୍ରେଣୀରେ ୨୦ ଜଣ ପିଲା ଥିଲେ ସେମାନଙ୍କ ମଧ୍ୟରୁ ମାତ୍ର ୨ରୁ ୪ ଜଣ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସକ୍ରିୟ ରହୁଛନ୍ତି। ପ୍ରତ୍ୟହ ହ୍ୱାଟ୍ସଆପ୍ ଜରିଆରେ ପୁସ୍ତକର ବିଷୟ ଅନୁଯାୟୀ ଭିଡିଓ କିମ୍ବା ପ୍ରଶ୍ନପତ୍ର ଆଦି ଦିଆଯାଉନାହିଁ। ପିଲାମାନେ କେତେବେଳେ କେଉଁ ବିଷୟ ପଢା ହେବ ପଚାରିଲେ ଉତ୍ତର ଦେଇପାରୁନାହାନ୍ତି। ସମସ୍ତ ବିଷୟରେ ଶିକ୍ଷାଦାନ ହେଉନାହିଁ। ଏପରି କି ଇଂଲିଶ୍, ଗଣିତ ଓ ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଉପରେ ଧ୍ୟାନ ଦିଆଯାଉନାହିଁ। ଏହାଦ୍ୱାରା ଛାତ୍ରୀଛାତ୍ର ଓ ଅଭିଭାବକମାନେ ନିରାଶ ହେଉଛନ୍ତି। ହାତଗଣତି କେତୋଟି ବିଦ୍ୟାଳୟକୁ ବାଦ୍ ଦେଲେ ଅନ୍ୟଗୁଡିକରେ ଅନଲାଇନ୍ କ୍ଲାସ୍ ହେଉନାହିଁ। ଏହା ଭିତରେ ସରକାର କିଛି ମାସ ପାଇଁ ୯ମ ଓ ୧୦ମ ଶ୍ରେଣୀ ପିଲାଙ୍କୁ କୋଭିଡ୍ କଟକଣା ମଧ୍ୟରେ ଶ୍ରେଣୀ ଗୃହରେ ଶିକ୍ଷାଦାନ କରିଥିଲେ। ଏହା ମଧ୍ୟ ସନ୍ତୋଷଜନକ ହୋଇ ନ ଥିଲା। ଗତବର୍ଷ ମାର୍ଚ୍ଚରୁ ଏ ପର୍ଯ୍ୟନ୍ତ ଅନଲାଇନ୍‌ରେ ଶିକ୍ଷାଦାନ ବ୍ୟବସ୍ଥା ଠିକ୍ ହୋଇପାରି ନାହିଁ। ଆଉ କେତେବର୍ଷ ପରେ ବ୍ୟବସ୍ଥା ସୁଧୁରିବ ସେନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା କହିଛନ୍ତି, ଅନ୍‌ଲାଇନ୍‌ରେ ଉପସ୍ଥାନ ସମ୍ପର୍କିତ ତଥ୍ୟ ନ ଥିବା ସ୍ୱଷ୍ଟ କରିଛନ୍ତି। ଖୁବଶୀଘ୍ର ଏହା ଉପରେ ବିଚାର କରାଯିବ ବୋଲି ସେ କହିଛନ୍ତି। ଏଥିସହ ଶ୍ରେଣୀ ଅନୁସାରେ ପ୍ରତ୍ୟହ ୩ରୁ ୪ଟି ଅନ୍‌ଲାଇନ୍ କ୍ଲାସ୍ କରିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ବେହେରା ମତବ୍ୟକ୍ତ କରିଛନ୍ତି।

## ଆଜି କ'ଣ କେଉଁଠି

**ଖଣ୍ଡପଡ଼ା**

- ଜଗନ୍ନାଥ ପ୍ରସାଦ ମହିଷାଶୁଣୀ ପୀଠରେ ହାଣ୍ଡିଭଙ୍ଗା ଯାତ୍ରା, ମହିଷାଶୁଣୀ ପୀଠ, ପୂର୍ବାହ୍ନ ୧୦ଟା।
- ମା' ହେଙ୍ଗୁଳାଇ ଦେବୀଙ୍କ ବାର୍ଷିକ ଜନ୍ମ ଉତ୍ସବ, ହାଟମୁଣ୍ଡପାଟଣା ହେଙ୍ଗୁଳାଇ ପୀଠ, ପୂର୍ବାହ୍ନ ୮ଟା।

# ମହାନଦୀରୁ ଯୋଗାଣ ପାଣି ଅଣ୍ଟୁନି

**ନୟାଗଡ଼ ଅଫିସ,୨୬।୪**



ଘରେ ମୋଟର ଲଗାଇ ପାଣି ଟାଙ୍କିକୁ ଚୋରାରେ ଉଠାଯାଉଛି।

- ନୟାଗଡ଼ ସହରରେ ପାନୀୟଜଳ ସମସ୍ୟା ଉତ୍କଟ
- ନାହିଁ ସମୟ ନିର୍ଘଣ୍ଟ, ମନଇଚ୍ଛା ଆସୁଛି ପାଣି
- ଶୋଷ ମେଣ୍ଟାଇପାରୁନି ୩ ଟ୍ୟାଙ୍କର

ମହାନଦୀରୁ ପାଣି ଯୋଗାଣ ପରେ ବି ସମସ୍ୟା ସୁଧୁରୁନି। ନୟାଗଡ଼ ସହରରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସହରବାସୀ ଠିକ୍‌ରେ ପାନୀୟ ଜଳ ପାଉ ନ ଥିବା ଅଭିଯୋଗ ରହିଛି। ହେଲେ ଜନସ୍ୱାସ୍ଥ୍ୟ ସବ୍‌ଡିଭଜନ କାର୍ଯ୍ୟାଳୟ ସହରବାସୀଙ୍କ ଅଭିଯୋଗକୁ ଅଣଦେଖା କରୁଛି। ନୟାଗଡ଼ ଏନ୍‌ଏସିରୁ ମ୍ୟୁନିସିପାଲିଟି ହେଲା। ହେଲେ ସହରରୁ ପାନୀୟଜଳ ସମସ୍ୟା ଦୂର ହେଉନାହିଁ। ସହରର ସବୁ ୱାର୍ଡରେ ପାଇପଲାଇନ୍ ନାହିଁ। ପୁରୁଣା ଏନ୍‌ଏସି ଅଞ୍ଚଳରେ ଥିବା ପାଇପଲାଇନ୍‌ରେ ଦିନକୁ ଥରେ ପୁଣି ପୂର୍ବାହ୍ନରେ ପାଣି ଆସିଥାଏ। ଏହି ପାଣି କେତେବେଳେ ଆସେ ଲୋକମାନେ ଜାଣି ପାରୁନାହାନ୍ତି। ସହରକୁ ପାଣି ଯୋଗାଣର ସମୟ ନିର୍ଘଣ୍ଟ ହୋଇନାହିଁ। ଫଳରେ ସହରବାସୀ ପାଣି ରଖିବା ଓ ସକାଳର ନିତ୍ୟ କର୍ମ ପାଇଁ ପାଣି ନ ପାଇ ହଟହଟା ହେଉଛନ୍ତି। ଏପରି କି ଦିନେ ଦିନେ ପାଣି ଆଦୌ ଆସୁନାହିଁ। ଅନ୍ୟପକ୍ଷେ ୩ଟି ଟ୍ୟାଙ୍କର ଯୋଗେ ଯୋଗାଯାଉଥିବା ପାଣି ସମୁଦ୍ରକୁ ଶଙ୍ଖେ। ଟ୍ୟାଙ୍କର କେଉଁଠି କି ଯାଉଛି କିଏ ପାଣି ନେଉଛି ପଚାରିଲେ ଉତ୍ତର ମିଳୁନି। ଏଣୁ ଟ୍ୟାଙ୍କର ପାଣି ଲୋକଙ୍କ ଶୋଷ ମେଣ୍ଟାଇ ପାରୁନି।

### କଳା ରଙ୍ଗର ଦୁର୍ଗନ୍ଧ ପାନୀୟ ଜଳ ଆସୁଛି

୧୩ ନଂ. ୱାର୍ଡ ମହିଳା ମହାବିଦ୍ୟାଳୟ ଲେନକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସୁଥିବା ପାଇପ ଯୋଗେ ପାନୀୟ ଜଳ ରଙ୍ଗ ଗୋଳିଆ ଓ କଳା। ଏହି ପାଣି ପୁଣି ଦୁର୍ଗନ୍ଧ ହେଉଛି। ପାନୀୟ ଜଳ ଅନୁପଯୁକ୍ତ ନେଇ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ସୁଫଳ ମିଳୁନି। ଏ ନେଇ ସ୍ଥାନୀୟ ବାସିନ୍ଦା ଶୂନ୍ୟଜୟୀ ମିଶ୍ର କୁହନ୍ତି, ନୟାଗଡ ଜନସ୍ୱାସ୍ଥ୍ୟ ସବ୍‌ଡିଭଜନ କାର୍ଯ୍ୟାଳୟର ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ଫୋନ କଲେ ଉଠାଉ ନାହାନ୍ତି। କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଗଲେ ସବୁବେଳେ ସେ ଅନୁପସ୍ଥିତ ଥିବା ଦେଖିବାକୁ ମିଳୁଛି। ଏହି କାର୍ଯ୍ୟାଳୟରେ ଜଣେ ମହିଳା କର୍ମଚାରୀଙ୍କୁ ଦେଖିବାକୁ ମିଳେ। ପଚାରିଲେ ଉତ୍ତର ମିଳେ ସାର୍ କ୍ଷେତ୍ର ପରିଦର୍ଶନରେ ଯାଇଛନ୍ତି।

### ମୋଟର ଶୋଷୁଛି ପାଣି

ନୟାଗଡ଼ ସହର ପାଇଁ ୩.୪ ମିଲିୟନ ଲିଟର ପାଣିର ଆବଶ୍ୟକତା ରହିଛି। ହେଲେ ସହରକୁ ଦିନକୁ ଥରେ ୨.୭୦ ମିଲିୟନ ଲିଟର ପାନୀୟ ଜଳ ପାଇପ ଯୋଗେ ଯୋଗାଣ ହେଉଛି। ପାଣି ଥରେ ଯୋଗାଣ ହେଉଥିବାରୁ ସମସ୍ତଙ୍କ ଘରେ ପହଞ୍ଚୁନି। ଉପର ମୁଣ୍ଡରେ ଥିବା ପରିବାର ମୋଟର ଲଗାଇ ପାଣିକୁ ଘର ଟାଙ୍କିକୁ ନେଇ ଯାଉଛନ୍ତି। ବୁଝିବାରେ ଜଣାପଡିଛି, ପ୍ରାୟ ୮୦ ପ୍ରତିଶତ ଲୋକଙ୍କ ଘରେ ମୋଟର ଲଗା ଯାଇଛି। ଆବଶ୍ୟକତାଠାରୁ ଅଧିକ ପାଣି ସ୍ୱଳ୍ପ ସମୟ ମଧ୍ୟରେ ସଂଗ୍ରହ କରି ରଖୁଛନ୍ତି। ପୁଣି ପାଣିକୁ ବିଭିନ୍ନ ସମୟରେ ଅପଚୟ କରାଯାଉଛି। ଏଣୁ ମୋଟର ନ ଥିବା ଗ୍ରାହକମାନେ ପାଣି ନ ପାଇ ହଟହଟା ହେଉଛନ୍ତି। ବେଆଇନ ମୋଟର ବ୍ୟବହାର ନେଇ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ନାହିଁ କି ଚଢ଼ାଉ ନାହିଁ। ଏଣୁ ସହରରେ କୃତ୍ରିମ ପାନୀୟ ଜଳ ସଙ୍କଟ ଦେଖାଦେଇଛି।

### ୫୯ କୋଟି ଟଙ୍କାର ପ୍ରକଳ୍ପକୁ ଅପେକ୍ଷା

ନୟାଗଡ଼ ଜନସ୍ୱାସ୍ଥ୍ୟ ସବ୍‌ଡିଭଜନ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ସାହୁଙ୍କୁ ପଚାରିବାରେ ମହାନଦୀରୁ ଜଳଯୋଗାଣ ପରେ ପାନୀୟ ଜଳ ସମସ୍ୟାରେ ସୁଧାର ଆସିଛି। ହେଲେ ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣର ପାଣି ଯୋଗା ଯାଇପାରୁନାହିଁ। ସହରରେ ଘର ସଂଖ୍ୟା ସାଙ୍ଗକୁ ଉପଭୋକ୍ତା ବଢ଼ିଛନ୍ତି। ହେଲେ ପ୍ରକଳ୍ପ ବଦଳିନି। ନୂଆ ପ୍ରକଳ୍ପ ପାଇଁ ବ୍ୟବସ୍ଥା କରାଯାଇଛି। ସହରକୁ ପାଣି ଯୋଗାଣ ପାଇଁ ୩ ଜୋନରୁ ୧୦ଟି ଜୋନ କରିବାକୁ ବ୍ୟବସ୍ଥା ହେଉଛି। ସବୁ ଅଞ୍ଚଳରେ ପାଇପ୍ ଲାଇନ ପଡିବା ପରେ ଲୋକଙ୍କୁ ପାନୀୟ ଜଳ ମିଳିବ। ଏଥିପାଇଁ ୫୯ କୋଟି ଟଙ୍କାର ଏକ ପ୍ରକଳ୍ପ ମଞ୍ଜୁରି ପାଇଁ ସରକାରଙ୍କ ନିକଟକୁ ପଠାଯାଇଛି। ଏହାକୁ ମଞ୍ଜୁରି ମିଳିଲେ ନୟାଗଡ଼ ସହରରେ ପାନୀୟ ଜଳ ସମସ୍ୟା ଦୂର ହେବ। ବର୍ତ୍ତମାନ ବିଦ୍ୟୁତ୍ ପାଣି ସମସ୍ୟାରେ ଅସୁବିଧା କରୁଛି। ଲୋଡ ଅଧିକ ଯୋଗୁ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଛି। ଏଣୁ ପାନୀୟ ଜଳ ଯୋଗାଣରେ ସମୟ ନିର୍ଘଣ୍ଟ ରହୁନି। ଏହାକୁ ସୁଧାରିବାକୁ ଚେଷ୍ଟା ଜାରି ରଖିଛୁ। ମହିଳା ମହାବିଦ୍ୟାଳୟ ଲେନର ଅପରିଷ୍କାର ଜଳକୁ ସୁଧାରିବାକୁ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ଆଉ ଯାହା ଅସୁବିଧା ଅଛି ଆମେ ଦୂର କରିବୁ ବୋଲି ସେ କହିଛନ୍ତି।

## ମା' ଡୁମାଲୁଣୀଙ୍କର ଉଭାଯାତ୍ରା



**ଖଣ୍ଡପଡ଼ା,୨୬।୪(ସ୍ୱ.ପ୍ର):** ଖଣ୍ଡପଡ଼ା ସହରାଞ୍ଚଳର ୧୦ନଂ. ୱାର୍ଡ ବ୍ରାହ୍ମଣସାହିର ଦେବୀ ମା'ଡୁମାଲୁଣୀଙ୍କର ଉଭାଯାତ୍ରା ପର୍ବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡାଗଡର ଅନ୍ୟତମ ରବିବାର ସକାଳୁ ମନ୍ଦିର ପରିସରକୁ ସୁସଜ୍ଜିତ କରାଯିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରତ୍ୟେକ ବର୍ଷ ଭଳି ମା'ଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଉଭାପର୍ବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଧୂପ, ଦୀପ, ନୈବେଦ୍ୟ ଓ ହୋମଯଜ୍ଞ ଇତ୍ୟାଦି କାର୍ଯ୍ୟ ମା'ଙ୍କ ନିକଟରେ ସମାପନ ହୋଇଥିଲା। ପରେ ଦେହୁରୀ ପୂଜକ ମା'ଙ୍କ ଆର୍ଶୀବାଦରେ ଉଭା ହୋଇଥିଲେ। ପରେ ମନ୍ଦିର ପରିସରରୁ ଏକ ଆଜ୍ଞାମାଳ ନେଇ ଦେହୁରୀ ପୂଜକ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ଉଭା ଯାତ୍ରା ପର୍ବ ଉପଭୋଗ ସାଙ୍ଗକୁ ମା'ଙ୍କ ବେଶ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ୧୦ନଂ. ୱାର୍ଡର ସ୍ୱେଚ୍ଛାସେବୀଙ୍କ ସହ ମା' ଡୁମାଲୁଣୀ କ୍ଲବର ସଭ୍ୟାସଭା ସକ୍ରିୟ ସହଯୋଗ କରିଥିଲେ।

## ଖଣ୍ଡପଡ଼ାରେ ଜଙ୍ଗଲ ଜଳୁଛି

**ଖଣ୍ଡପଡ଼ା,୨୬।୪(ସ୍ୱ.ପ୍ର):** ଖଣ୍ଡପଡ଼ା ସହର ସନ୍ନିକଟ ଟିଙ୍କଚୁଆ, କରଡାବଣି ଆଦିବାସୀପଡା ନିକଟରେ ଥିବା ପାହାଡ ଓ ଜଙ୍ଗଲରେ କେହି ଅସାମାଜିକ ବ୍ୟକ୍ତି ନିଆଁ ଲଗାଇ ଦେଇଥିବାରୁ ରବିବାର ରାତି ସାରା ଜଙ୍ଗଲ ଜଳୁଛି। ଅଗ୍ନିକାଣ୍ଡର ପ୍ରଭାବରେ ବହୁ ମୂଲ୍ୟବାନ ଜଙ୍ଗଲ ସମ୍ପଦ ପୋଡି ପାଉଁଶ ହୋଇଯାଇଛି। ଉକ୍ତ ପାହାଡ ଓ ସଂଲଗ୍ନ ଜଙ୍ଗଲକୁ ଦୈନିକ ଜାଳେଣୀ କାଠ ସଂଗ୍ରହ ପାଇଁ ଯାଉଥିବା କଟାଳିଙ୍କଠାରୁ ଆରମ୍ଭ କରି ମାଫିଆମାନେ କାଠ କୋଇଲା ସଂଗ୍ରହ ଆଳରେ ଜାଣିଶୁଣି ନିଆଁ ସଂଯୋଗ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଖଣ୍ଡପଡା ବନ ବିଭାଗ କର୍ମଚାରୀ ସୋମବାର ସକାଳୁ ସେଠାକୁ ଯାଇ ନିଆଁକୁ ଲିଭାଇଥିବା ବନ ବିଭଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

## ୯୧ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ,୨୬।୪:** ନୟାଗଡ଼ ଜିଲାରେ ସୋମବାର ୯୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୫୦ରେ ପହଞ୍ଚିଛି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ କଟକଣାକୁ କଡାକଡି କରାଯାଉଛି। ହେଲେ ଅମାନିଆ ଚିନ୍ତାର କାରଣ ପାଲଟିଛନ୍ତି। ସୁନା ଦୋକାନ, ପରିବା ମାର୍କେଟ ଓ ତେଜରାତି ଦୋକାନରେ ଭିଡକୁ ପୋଲିସ ନିୟନ୍ତ୍ରଣ କରିବାରେ ସଫଳ ହୋଇନାହିଁ।

# ୨୨ ପରିବାରର ୪୦ ବଖରା ଭସ୍ମୀଭୂତ



ନିଆଁରେ ପୋଡି ଯାଇଥିବା ଘର।

**ଓଡ଼ଗାଁ, ୨୬।୪(ସ୍ୱ.ପ୍ର.)**

- ପୋଡ଼ାସାହି ନୂଆସାହିରେ ଭୟାବହ ଅଗ୍ନିକାଣ୍ଡ
- ୨୦ଛେଳି ଜୀବନ୍ତ ଦଗ୍ଧ, ନଗଦ ୫୦ ହଜାର ପୋଡ଼ିଗଲା

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ବାଣ୍ଡପୁର ପଞ୍ଚାୟତ ପୋଡାସାହିର ନୂଆସହିରେ ସୋମବାର ପୂର୍ବାହ୍ନ ୧୦ଟାରେ ଭୟାବହ ଅଗ୍ନିକାଣ୍ଡରେ ୨୨ପରିବାରର ୪୦ ବଖରା ଭସ୍ମୀଭୂତ ହୋଇଯାଇଛି। ନୂଆସାହିର ପ୍ରାୟତଃ ସମସ୍ତ ପରିବାର ବାସହୀନ ହୋଇଯାଇଛନ୍ତି।

ବଣ ଜଙ୍ଗଲ ଘେରା ଆଦିବାସୀ ଗାଁ ନୂଆସାହିର ସମସ୍ତ ପରିବାର ସଦସ୍ୟ ବିଭିନ୍ନ କାର୍ଯ୍ୟରେ ଓ ନିକଟସ୍ଥ ଜଙ୍ଗଲକୁ କାଜୁ ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ ଘରେ ନିଆଁ ଲାଗି ଯାଇଥିଲା। ସମ୍ଭବତଃ ପାଖ ପାହାଡରେ ଲାଗିଥିବା ନିଆଁ ଝୁଲ ଉଡି ଆସି ପ୍ରଥମେ ସୁଦର୍ଶନ ଜାନୀଙ୍କ ଘରେ ଲାଗିଥିଲା। ସେଠାରୁ ଅନ୍ୟ ଲୋକଙ୍କ ଘରକୁ ନିଆଁ ବ୍ୟାପୀ ଯାଇଥିଲା। ସୁଦର୍ଶନଙ୍କ ଗୁହାଳରେ ବନ୍ଦ ହୋଇ ରହିଥିବା ୩୦ ଛେଳି ମଧ୍ୟରୁ ୨୦ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ଅବଶିଷ୍ଟ ଗୁରୁତର ଥିବା ଜଣାପଡିଛି। ଅଗ୍ନିକାଣ୍ଡରେ ସୁଦର୍ଶନଙ୍କ ସମେତ ସହଦେବ ଜାନୀ, ଗୋବିନ୍ଦ ଜାନୀ, ଯୁଧିଷ୍ଠିର ଜାନୀ, ରବୀନ୍ଦ୍ର ଜାନୀ, ରମେଶ ଜାନୀ, ହାଡୁ ଜାନୀ, କିଶୋର ଦଳବେହେରା, ମୁନୀ ଦେଳବେହେରା, ସନ୍ତୋଷ ଦଳବେହେରା, ନଟବର ଦଳବେହେରା, ଶିବରାମ ଦଳବେହେରା, ଲୋକନାଥ ଜାନୀ, ବସନ୍ତ ଜାନୀ, ରଜନୀ ଜାନୀ, ଭାସ୍କର ଜାନୀ, ଜମ୍ବୁ ଜାନୀ, କବି ଜାନୀ, କୁମାରୀ ଜାନୀ, ସନ୍ତୋଷ ଜାନୀ, ଭିକାରୀ ଜାନୀ ଓ ଇନ୍ଦୁ ଜାନୀଙ୍କ ସମସ୍ତ ଘରେ ଥିବା ଧାନ, ଚାଉଳ, ଲୁଗାପଟା ଓ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଏଥିସହ ସହଦେବ ଜାନୀଙ୍କ ନଗଦ ୫୦ ହଜାର ଟଙ୍କା ପୋଡି ଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ଓଡ଼ଗାଁ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ପୂର୍ବାହ୍ନ ୧୧ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଉଦ୍ୟମ କରି ନିଆଁକୁ ଆୟତ କରିଥିଲେ। ଅପରାହ୍ନରେ ତହସିଲଦାର ବିଜୟିତା ସାମନ୍ତସିଂହାର ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଅଗ୍ନିବିପନ୍ନଙ୍କୁ ପଲିଥିନ, ବସ୍ତ୍ର ଓ ରନ୍ଧା ଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି। ବିପନ୍ନ ୨୨ ପରିବାରଙ୍କୁ ତୁରନ୍ତ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ୨୦୦୭ଜୁନ ୩୦ରେ ଅଗ୍ନିକାଣ୍ଡରେ ପୋଡାସାହିର ସମସ୍ତ ପରିବାର ବାସହରା ହୋଇଯାଇଥିଲେ।

## ଶ୍ରୀରାମଙ୍କ ଧନୁଭଗ୍ନ, ସୀତା ବିବାହ



ଶ୍ରୀରାମଙ୍କ ଶିବ ଧନୁ ଭଗ୍ନ ଓ ସୀତାଙ୍କୁ ବରଣମାଳା ପ୍ରଦାନ ବେଶ।

**ଓଡ଼ଗାଁ, ୨୬।୪(ସ୍ୱ.ପ୍ର.)**

**ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରା ୫ମ ସନ୍ଧ୍ୟା**

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ସୋମବାର ୫ମ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଶିବ ଧନୁ ଭଗ୍ନ ଓ ଜନକ ନନ୍ଦିନୀ ସୀତାଙ୍କ ସହ ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ମନ୍ଦିର ରତ୍ନ ସିଂହାସନରେ ଶ୍ରୀରାମଙ୍କ ଧନୁ ଭଗ୍ନ ଓ ମା' ଜାନକୀ ବରଣମାଳା ଧରି ଦଣ୍ଡାୟମାନ ହୋଇଥିବା ଦୃଶ୍ୟ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଥିଲା। ସନ୍ଧ୍ୟା ଆଳତି ସହ ମନ୍ଦିର ସିଂହାଦ୍ୱାର ଖୋଲିବା ପରେ ପ୍ରଭୁଙ୍କ ଏହି ବେଶରେ ଦର୍ଶନ ଦେଇଥିଲେ। ମନ୍ଦିର ଦକ୍ଷିଣ ଦ୍ୱାରରେ ଥିବା ଝୁଲଣ ମଣ୍ଡପରେ ଶ୍ରୀଜୀଉଙ୍କ ରାଜକୀୟ ଢଙ୍ଗରେ ବୈଦିକ ରୀତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଧନୁଭଗ୍ନ ପରେ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ, ସର୍ବ ଦେବଦେବୀ, ବିଜେ ରାଧାକାନ୍ତ ଜୀଉଙ୍କ ସମେତ ପ୍ରଶାସନ ଅଧିକାରୀ, ପୂଜକ ଓ ସେବାୟତ ପରିଷଦର ଏକ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ସିଂହଦ୍ୱାରା ଦେଇ ପଟୁଆରରେ ବାହାରି ଥିଲେ। ବରଯାତ୍ରୀ ଦଳ ଚଳିତବର୍ଷ କରୋନା କାରଣରୁ ନିରାଡମ୍ବର ସହକାରେ ବିବାହ ମଣ୍ଡପରେ ପହଞ୍ଚି ଥିଲେ। ସେଠାରେ ଶ୍ରୀଜୀଉଙ୍କ ବରଯାତ୍ରୀଙ୍କୁ ଅପେକ୍ଷା କରିଥିବା ଜନକ ନନ୍ଦିନୀ ଜାନକୀଙ୍କ କନ୍ୟାଯାତ୍ରୀ ଦଳରେ ବିଜେ ପ୍ରଭୁ ରାମେଶ୍ୱର, ବେଦଜ୍ଞ ପଣ୍ଡିତ, ସେବାୟତ ସାମିଲ ରହି ମନ୍ତ୍ର ଉଚ୍ଚାରଣ ପୂର୍ବକ ଶ୍ରୀରାମଙ୍କ ବାଟବରଣ କରିଥିଲେ। ବିବାହ ମଣ୍ଡପରେ ହୋମଯଜ୍ଞ ସହ ପାରମ୍ପରିକ ରୀତିରେ ଶ୍ରୀରାମ ଓ ସୀତାଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ଚଳିତବର୍ଷ ସୀତା ବିବାହ ସମାରୋହ ଭକ୍ତଙ୍କ ବିନା କେବଳ ସେବାୟତ ଓ କାର୍ଯ୍ୟକାରୀ ଅଧିକାରୀଙ୍କ ମଧ୍ୟରେ ସୀମିତ ରହିବା ନେଇ ସୂଚନା ମିଳିଛି। ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀ, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମାହାପାତ୍ର ଓ ସମ୍ପାଦକ ସୁବେଦାର ବିଜୟ କୁମାର ଦାଶଙ୍କ ସମେତ ଆବଶ୍ୟକ ସେବାୟତ, ପୂଜକ ଓ ସୁଆର ପରିଷଦ ସଦସ୍ୟ ଏଥିରେ ଅଂଶ ଗ୍ରହଣ କରିଥିଲେ।

## ପାଣି ପାଇଁ ଯିବାକୁ ପଡୁଛି ୨କି.ମି.

**ନୟାଗଡ଼ ଅଫିସ,୨୬।୪**

ନୟାଗଡ଼ ବ୍ଲକ ମୁଥାଗାଡିଆ ପଞ୍ଚାୟତ ଝୁମ୍ପୁରି କଳାହାଣ୍ଡିରେ ପାନୀୟ ଜଳସଙ୍କଟ ଦେଖାଦେଇଛି। ପାଇପ ଯୋଗେ ଆସୁଥିବା ପାଣି ଗାଁକୁ ଆସୁନି। ଗାଁରେ ଥିବା ନଳକୂପର ପାଣିରେ ରୋଷେଇ ଉପଯୋଗୀ ହେଉନାହିଁ। କାରଣ ଏଥିରେ ଖାଦ୍ୟ ପଦାର୍ଥ ସିଝୁନି। ଏଣୁ ପାନୀୟଜଳ ପାଇଁ ଲୋକେ ଜୟପୁର ଓ ପାଖ ଗାଁକୁ ୨ କିମି ଦୂର ଯିବାକୁ ପଡୁଛି। ପୁଣି ପାଣି ପାଇଁ ଧାଡିରେ ଅପେକ୍ଷା କରିବାକୁ ପଡୁଛି। ବିଳାସିନୀ ବେହେରା କୁହନ୍ତି, ଜୟପୁରରେ ପାନୀୟଜଳ ପ୍ରକଳ୍ପ ଅଛି। କିନ୍ତୁ ଆମ ଗାଁକୁ ମୁନ୍ଦିଏ ମୁନ୍ଦିଏ ପାଣି ଆସୁଛି। ତାହା ପୁଣି କୋଚିତ ସମୟ। ଏଣୁ ପାଣି ପାଇଁ ଆମକୁ ବାହାରକୁ ଯିବାକୁ ହେଉଛି।



ଝୁମ୍ପୁରି କଳାହାଣ୍ଡିର ମହିଳାମାନେ ଅନ୍ୟ ଗାଁରୁ ପାନୀୟ ଜଳ ଆଣୁଛନ୍ତି।

# ଏଲିମେଣ୍ଟାରୀ ଶିକ୍ଷକ ସଂଘର ଧାରଣା

**ନୟାଗଡ଼ ଅଫିସ/ ଦଶପଲ୍ଲା, ୨୬।୪ (ଡି.ଏନ୍.ଏ.)**

୧୦ ଦଫା ଦାବି ନେଇ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଆରମ୍ଭ ହୋଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲୁ ରହିବ ବୋଲି କୁହାଯାଇଛି। ଗତ ଫେବୃଆରୀରେ ଧାରଣା ଦେବା ପରେ କେବଳ ପ୍ରତିଶ୍ରୁତି ମିଳିଥିଲା। ଏଣୁ ଆନ୍ଦୋଳନକୁ ଚାଲୁ ରଖାଯାଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବି ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବି ଅନୁସାରେ ୨୦୨୦ ନଭେମ୍ବରର ମୋଡିଫାଏଡ ଆସୁଏଡ କ୍ୟାରିଅର ପ୍ରୋଗ୍ରେସନ (ଏମ୍ଏସିପି) ଅର୍ଡରକୁ ସଂଶୋଧନ କରାଯାଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦିଆଯାଉ। ଶିକ୍ଷୟିତ୍ରୀଶିକ୍ଷକଙ୍କ ସେବା ପୁସ୍ତକ ଅପଡେଟ କରାଯାଉ। ଅନ୍ୟପକ୍ଷେ ୧୦, ୨୦ ଓ ୩୦ ବର୍ଷିଆ ଏମ୍ଏସିପି ଅର୍ଡର ପାଇଥିବା ଯୋଗ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ଇନକ୍ରିମେଣ୍ଟ କରାଯାଇ ବକେୟା ଦରମା ପ୍ରଦାନ କରାଯାଉ। ଶିକ୍ଷୟିତ୍ରୀ ରଞ୍ଜିତା ମଳିକଙ୍କର ଅସୁସ୍ଥତା ସମୟର ଛୁଟିକୁ ମଞ୍ଜୁର କରାଯାଉ। ମାସର ୧ ତାରିଖରେ ଦରମା ବ୍ୟବସ୍ଥା, ପ୍ରତ୍ୟେକ ସରାକାରୀ ସୂଚନା ଚିଠି ମାଧ୍ୟମରେ ବ୍ୟବସ୍ଥା କରିବାକୁ ସଭାପତି ଜୟଦେବ ମିଶ୍ର, ସମ୍ପାଦକ ରଶ୍ମୀ ରଞ୍ଜନ ପଟ୍ଟନାୟକ, ଶିକ୍ଷକ ନେତା ସୁରେଶ ରଣା ସୂଚନା ଦେଇଛନ୍ତି।



୧୦ ଦଫା ଦାବିରେ ଧାରଣାରେ ବସିଥିବା ଶିକ୍ଷୟିତ୍ରୀଶିକ୍ଷକମାନେ।

# ଘରକୁ ପାଇପ୍ ସଂଯୋଗ ଟଙ୍କା ଆଦାୟକୁ ବିରୋଧ

**ଖଣ୍ଡପଡା,୨୬।୪(ସ୍ୱ.ପ୍ର)**

ଘରକୁ ପାନୀୟ ଜଳ ସଂଯୋଗ ନିମନ୍ତେ ଏକ ହଜାର ଟଙ୍କା ଆଦାୟକୁ ସିଂଘାପଡା ଗ୍ରାମବାସୀ ବିରୋଧ କରିବା ସହ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ଖଣ୍ଡପଡା ବ୍ଲକ ସିଂଘାପଡା ପଞ୍ଚାୟତ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ପଞ୍ଚାୟତବାସୀଙ୍କୁ ପାନୀୟ ଜଳ ପ୍ରକଳ୍ପରୁ ଷ୍ଟାଣ୍ଡ ପୋଷ୍ଟ ଜରିଆରେ ପାଣି ଯୋଗାଇବାର ବ୍ୟବସ୍ଥା ହୋଇଛି। ତେବେ ଘରକୁ ପାନୀୟ ଜଳ ସଂଯୋଗ ନେଉଥିବା ବ୍ୟକ୍ତିଙ୍କଠାରୁ ପଞ୍ଚାୟତ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଏକ ହଜାର ଟଙ୍କା ଲେଖାଏ ଆଦାୟ କରୁଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବହୁ ଲୋକ ନିର୍ଦ୍ଧାରିତ ଟଙ୍କା ଦେଇ ଘରକୁ ପାଇପ ସଂଯୋଗ କରିଥିବାବେଳେ ଏହାକୁ କେତେଜଣ ବିରୋଧ କରୁଛନ୍ତି। ଅସନ୍ତୁଷ୍ଟ ଗ୍ରାମବାସୀ ସୋମବାର ଖଣ୍ଡପଡା ବିଡିଓଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। କାହା ନିର୍ଦ୍ଦେଶରେ ଘର ପିଚ୍ଛା ରସିଦ ଦେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଟଙ୍କା ଆଦାୟ କରୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ଗରିବ ଶ୍ରେଣୀର ଲୋକ ଧାର କରି ୧ ହଜାର ଟଙ୍କା ଲେଖାଏ ଦେଇ ରସିଦ ପାଇଛନ୍ତି। ସିଂଘାପଡା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଓ ବ୍ଲକ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ସିଂଘାପଡା ପଞ୍ଚାୟତରେ ପାନୀୟ ଜଳ ପରିଚାଳନା କମିଟି ଗଠନ କରାଯାଇ ନ ଥିବାରୁ ଲୋକଙ୍କଠାରୁ ଏପରି ଟଙ୍କା ଆଦାୟ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଆଦାୟ କରାଯାଇଥିବା ଟଙ୍କାକୁ ଫେରାଇ ଦେବାକୁ ପରାମର୍ଶ ଦିଆଯାଇଛି। ଅପରପକ୍ଷରେ ପଞ୍ଚାୟତରେ ଜଳ ପରିଚାଳନା କମିଟି ଗଠନ ପରେ ଲୋକଙ୍କଠାରୁ ପାଇପ ଲାଇନ ଯୋଗେ ଘରକୁ ପାନୀୟ ଜଳ ଯୋଗାଣ ନେଲେ ଟଙ୍କା ଆଦାୟ କରାଯିବ ବୋଲି ବିଡିଓ ନାୟକ କହିଥିଲେ।



ସିଂଘାପଡ଼ା ଗ୍ରାମବାସୀ ବିଡିଓଙ୍କୁ ଅଭିଯୋଗ କରିବାକୁ ଯାଉଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୭ ଏପ୍ରିଲ, ୨୦୨୧

## ପାଣି ସମସ୍ୟାକୁ ନେଇ ଗଣ୍ଡଗୋଳ: ୨ ମାମଲା ରୁଜୁ

ଗୋପାଳପୁର,୨୬।୪-ରଙ୍ଗେଇଲୁଣ୍ଡା ବ୍ଲକ ଇନ୍ଦ୍ରାକ୍ଷୀ ଗ୍ରାମରେ ପାଣି ସମସ୍ୟାକୁ ନେଇ ଗଣ୍ଡଗୋଳ ହୋଇଛି। ଏ ନେଇ ଗୋଳନ୍ଥରା ଥାନାରେ ୨ ପକ୍ଷର ଅଭିଯୋଗ ପ୍ରକାରେ ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, କୋଳଥିଗାଁର ଜଗମୋହନ ପାତ୍ର ଓ ୧୫ରୁ ଭାଜପା କର୍ମୀ ମିଶି ଇନ୍ଦ୍ରାକ୍ଷୀ ଗ୍ରାମରେ ପାଣି ସମସ୍ୟା ନେଇ ବ୍ଲକକୁ ଯାଇଥିଲେ। ତେବେ ଇନ୍ଦ୍ରାକ୍ଷୀ ସରପଞ୍ଚ ଦଣ୍ଡପାଣି ସାହୁ ଆସି ଗାଳିଗୁଲଜ କରିବା ସହ ମାଡ଼ ମାରି ହତ୍ୟା ଧମକ ଦେଇଥିବା ଜଗମୋହନ ଥାନାରେ ଅଭିଯୋଗ କରିଥିଲେ। ନଂ.୧୧୮/୨୧ରେ ପୋଲିସ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ସରପଞ୍ଚ ସାହୁ ବିଡ଼ିଓଙ୍କ ସହ କଥା ହେବାକୁ ଯାଉଥିବା ବେଳେ ଇନ୍ଦ୍ରାକ୍ଷୀ ଗ୍ରାମର କେତେଜଣ ମାଡ଼ ମାରିଥିବା ଥାନାରେ ସେ ପାଲଟା ଅଭିଯୋଗ କରିଛନ୍ତି। ନଂ.୧୧୯/୨୧ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଗଜପତିରେ ୮୧ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୨୬।୪(ଡି.ଏନ୍.ଏ.): ଗଜପତି ଜିଲାରେ ପୁଣି ୮୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସୋମବାର ସୂଚନା ମିଳିଛି। ଏମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରରୁ ସର୍ବାଧିକ ୩୧ ଜଣ, ଗୋଷାଣୀ ବ୍ଲକରୁ ୯, ଗୁମ୍ମା ବ୍ଲକରୁ ୨ ,କାଶୀନଗର ବ୍ଲକରୁ ୬, ନୂଆଗଡ଼ ବ୍ଲକରୁ ୫ , ରାୟଗଡ଼ ବ୍ଲକରୁ ୨, ଆର୍. ଉଦୟଗିରି ବ୍ଲକରୁ ୩, ମୋହନା ବ୍ଲକରୁ ୧୦, ଆନ୍ଧ୍ରପ୍ରଦେଶର ୪ ଓ ଅନ୍ୟ ସ୍ଥାନର ଜଣେ ଅଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇଲେ ଜିଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪,୭୭୩ରେ ପହଞ୍ଚିଥିବା ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକେ ଜରୁରୀ ନ ଥିଲେ ଘରୁ ବାହାରନ୍ତୁ ନାହିଁ ବୋଲି ଜିଲାପାଳ ଜିଲାବାସୀଙ୍କୁ ନିବେଦନ କରଛନ୍ତି।

### ପଛୁଆବର୍ଗରେ ସାମିଲ ପାଇଁ ସ୍ମାରକପତ୍ର

ପାତ୍ରପୁର,୨୬।୪(ଡି.ଏନ୍.ଏ.): ପଛୁଆବର୍ଗରେ ସାମିଲ କରିବା ନିମନ୍ତେ ନିଖିଳ ଉତ୍କଳ ଲିଆରୀ, ନିଆରୀ ଓ ଚୁଡ଼ିତିଆ ମହାସଂଘ ପକ୍ଷରୁ ବିଧାୟିକା ଉଷା ଦେବୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ଜାତିର ୯୫ ପ୍ରତିଶତ ଗରିବ ଶ୍ରେଣୀର। ପଛୁଆ ବର୍ଗରେ ସାମିଲ ନ ହେବାରୁ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ଓ ଚାକିରି ସୁବିଧା ପାଉନାହାନ୍ତି। ସମାଜ ପକ୍ଷରୁ ବହୁବାର ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିନି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ନେଇ ସମାଜ ପକ୍ଷରୁ କେନ୍ଦ୍ରୀୟ ସଭାପତି ପ୍ରଫୁଲ୍ଲ କୁମାର ବେହେରାଙ୍କ ନେତୃତ୍ୱରେ ଉପଦେଷ୍ଟା ପ୍ରଦୀପ କୁମାର ବେହେରା, ବ୍ରହ୍ମପୁର ତାଲୁକା ସମ୍ପାଦକ ବାବୁଲି ବେହେରା, ଚିକିଟି ତାଲୁକା ସଭାପତି ନରହରି ବେହେରା, ଜରଡ଼ା ତାଲୁକା ସଭାପତି ଚିନ୍ତାମଣି ବେହେରା, ସୁରଙ୍ଗି ତାଲୁକା ସଭାପତି କଇରା ବେହେରା, ପ୍ରତିନିଧି ପ୍ରଫୁଲ୍ଲ ଚନ୍ଦ୍ର ବେହେରା ପ୍ରମୁଖ ବିଧାୟିକାଙ୍କ ଚିକିଟିସ୍ଥିତ ବାସଭବନକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ ।

### ମୋହନା ଆର୍‌ଡି ଡିଭିଜନରେ ବହୁ ପଦବୀ ଖାଲି

ଆର.ଉଦୟଗିରି, ୨୬।୪ (ଡି.ଏନ୍.ଏ.): ଗଜପତି ଜିଲା ମୋହନା ଏକ ଦୁର୍ଗମ ଅଞ୍ଚଳ। ଏଠାରେ ଥିବା ଆରଡି ଡିଭିଜନରେ ଦୀର୍ଘଦିନ ହେଲାଣି ବହୁ ପଦବୀ ଖାଲି ପଡ଼ିଥିଲେ ମଧ କେହି ଗୁରୁତ୍ୱ ଦେଉନାହାନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କୋଟି କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ହେଉଥିବା ବେଳେ କେହି ଅଧିକାରୀ ରହୁ ନ ଥିବାରୁ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ମୋହନା, ଚନ୍ଦ୍ରଗିରି, ଆର.ଉଦୟଗିରି ସବ୍‌ଡିଭିଜନଗୁଡ଼ିକରେ ଏସ୍‌ଡିଓ ପଦବୀ ମଧ ଦୀର୍ଘ ଦିନ ହେବ ଖାଲି ପଡ଼ିଛି। କନିଷ୍ଠ ଯନ୍ତ୍ରୀମାନଙ୍କୁ ଏସ୍‌ଡିଓ ଦାୟିତ୍ୱରେ ରଖି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମୋହନା ଡିଭିଜନରେ ଦୀର୍ଘ ଦିନ ହେଲାଣି ନିର୍ବାହୀ ଯନ୍ତ୍ରୀ ପଦବୀ ମଧ ଖାଲିପଡ଼ିଛି। କିଛି ଦିନ ଦାୟିତ୍ୱରେ ରହି ଚାଲି ଯାଉଥିବାରୁ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଜଣାପଡିଛି।

### ପାରଳା ମହାରାଜାଙ୍କ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି,୨୬।୪(ଡି.ଏନ୍.ଏ.): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ୧୩୦ତମ ଜୟନ୍ତୀ କୋଭିଡ୍ କଟକଣା ଯୋଗୁ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଅନୁପମ ସାହା ମହାରାଜାଙ୍କ ସମାଧି ପୀଠ, ବଜାର ଛକରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନବ ଉତ୍କଳ ପ୍ରଦେଶ ଗଠନରେ ପାରଳା ମହାରାଜାଙ୍କ ବଳିଷ୍ଠ ଭୂମିକା ଉପରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲା କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ପାରଳା ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶିକ୍ଷାବିତ ବିନୋଦ ଚନ୍ଦ୍ର ଜେନା, ଜିଲା କୃଷକ ସଂଘର ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

# ଚଇତି ନିଆଁ ସବୁ କିଛି ଜାଳିଦେଲା

ନୟାଗଡ଼ ଅଫିସ,୨୬।୪

ଓଡ଼ଗାଁ ତହସିଲ ବାଣ୍ଡପୁର ପଞ୍ଚାୟତ ପୋଡାସାହିର ନୂଆସାହିରେ ସୋମବାର ଅଗ୍ନିକାଣ୍ଡରେ ୨୨ ପରିବାରର ୪୦ ବଖରା ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଦମକଳ ଆସି ନିଆଁ ଲିଭାଇବା ପରେ ଅଧିକାଂଶ ଅଗ୍ନି ବିପନ୍ନ ଆଖିରୁ ଲୁହ ଗଡାଇ ଚଇତି ନିଆଁ ସବୁ କିଛି ଖାଇଦେଲା ବୋଲି କହୁଥିବା ଦେଖାଯାଇଥିଲା। ପିନ୍ଧିବା ଲୁଗାକୁ ଛାଡ଼ି ସବୁ କିଛି ପୋଡ଼ି ଚାରଖାର ହୋଇଯାଇଛି। ଏପରି ସମୟରେ ସହଦେବ ଜାନୀଙ୍କ ସ୍ତ୍ରୀ ପାଉଁଶରୁ ଟଙ୍କା ଖୋଜୁଥିଲେ। କାଳେ କେଉଁଠି ଟଙ୍କା ନ ପୋଡି ରହି ଯାଇଥିବ। ସହଦେବଙ୍କର ୫୦ ହଜାର ଟଙ୍କା ଜଳି ଯାଇଥିଲା। ଅନ୍ୟପକ୍ଷେ ବିଜୟ ଜାନୀ କୁହନ୍ତି, ଜଙ୍ଗଲ ବଢ଼ିଲା। ଜଙ୍ଗଲ ପାଦଦେଶରେ ଥିବା ଝାଟିମାଟିର ଘରକୁ ଆବାସ ଯୋଜନାରେ ପକ୍କାଘର କରାଗଲା ନାହିଁ। ପାଣି ଟୋପାଏ ବି ସାହିରେ ନାହିଁ। ଟାଣ ଖରା ସମୟରେ ପବନ ବୋହିବା କାରଣରୁ ଗୋଟିଏ ପରେ ଗୋଟିଏ ବଖରା ପୋଡ଼ିଗଲା। ନିଆଁକୁ କେହି ଆୟତ୍ତ କରିପାରିଲେ ନାହିଁ। ରବୀନ୍ଦ୍ର ଜାନୀ କୁହନ୍ତି, ନିଆଁ ଲାଗିବା ବେଳେ ପବନ ବହିଥିଲା।

### ଗାଁରେ କାମ କରୁନି ମୋବାଇଲ ନେଟ୍‌ୱର୍କ


ଜଳିଯାଇଥିବା ଘର ସମ୍ମୁଖରେ ଅଗ୍ନିବିପନ୍ନ ବସିଛନ୍ତି।

ସେତେବେଳେ ଗାଁର ଅଧିକାଂଶ ଲୋକ ବିଭିନ୍ନ କାମଧନ୍ଦାରେ ବାହାରେ ଥିଲେ। ଯେଉଁମାନେ ଥିଲେ, ସେମାନେ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଗାଁରେ ମୋବାଇଲ ନେଟୱର୍କ ଆସୁନି। ଗାଁଠାରୁ ୧କିମି ଦୂରକୁ ଯାଇ ଦମକଳକୁ ଫୋନ କଲାବେଳକୁ ଅନେକ ଘର ଜଳି ଯାଇଥିଲା। ଦମକଳ ଆସିବା ବେଳକୁ ନିଆଁ ବଢ଼ି ଚାଲିଥିଲା। ପରେ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା। ତେବେ ସେତେବେଳକୁ ନିଆଁ ସବୁ କିଛି ପୋଡି ଦେଇଥିଲା। ଗୋବିନ୍ଦ ଜାନୀ କୁହନ୍ତି, ଅଗ୍ନିକାଣ୍ଡ ଆମ ଗାଁର ପ୍ରାୟ ୧୨ ଲକ୍ଷ ଟଙ୍କାର ସମ୍ପତ୍ତିକୁ ପୋଡିଦେଲା। ଆମର ସବୁ ଜଳିଯାଇଛି। ଏପରିକି ଆମେ ଆମର ଗୃହପାଳିତ ପଶୁପକ୍ଷୀଙ୍କୁ ରକ୍ଷା କରିପାରିଲୁ ନାହିଁ। ସରକାର ଆମକୁ ଆବାସ ଯୋଜନାରେ ଗୃହ ଦେବା ଦରକାର। ତାହା ପୁଣି ତୁରନ୍ତ ନିର୍ମାଣ ହେଉ। ନ ହେଲେ ଖରା ଓ ଗୁଳୁଗୁଳିରେ ଆମେ ବଞ୍ଚିବା କଷ୍ଟକର ହୋଇପଡିବ। ଅନ୍ୟପକ୍ଷେ ଆମ ପାଇଁ ରନ୍ଧାଖାଦ୍ୟ ପ୍ରାୟ ମାସେ ପର୍ଯ୍ୟନ୍ତ ଯୋଗାଇବା ସହ ସରକାରୀ ସହାୟତା ତୁରନ୍ତ ଦେବା ଦରକାର।

### ଆବାସ ଯୋଜନାରେ ଘର ଦିଆଯାଉ

ପୋଡାସାହିର ନୂଆସାହିରେ କଂଗ୍ରେସ ଓ ସିପିଆଇଏମ୍‌ର ଏକ ୫ଜଣିଆ ଦଳ ପହଞ୍ଚି ଅଗ୍ନିବିପନ୍ନଙ୍କୁ ଭେଟି ସେମାନଙ୍କର ସମବେଦନା ଜଣାଇଛନ୍ତି। ଏହି ଦଳରେ କଂଗ୍ରେସର ମନୋଜ ସାହୁ, ବିମଳ ଦାସ ଏବଂ ସିପିଆଇଏମ୍‌ର ବିଶ୍ୱନାଥ ମହାପାତ୍ର, ଗୋଲଖ ମୁଦୁଲି, ପବିତ୍ର ଇନ୍ଦ୍ରଜିତ୍ ସାମିଲ ଥିଲେ। ଅଗ୍ନିବିପନ୍ନଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ଆବାସ ଯୋଜନାରେ ଘର, ମାସେ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ, ପାନୀୟ ଜଳର ବ୍ୟବସ୍ଥା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଚନ୍ଦନ ଯାତ୍ରା ବନ୍ଦ ହେବ

- ପୋଖରୀ ପୁନରୁଦ୍ଧାର ହେଲାନି
- ମନ୍ଦିରରେ ଠାକୁରଙ୍କ ନୀତି ସମ୍ପନ୍ନ ହେବ

ଖଣ୍ଡପଡା,୨୬।୪(ସ୍ୱ.ପ୍ର)

ପୁରୀ ଶ୍ରୀମନ୍ଦିର ପୂଜା ନୀତି ସହ ଶ୍ରୀନୀଳମାଧବ ମନ୍ଦିର ମଧ୍ୟରେ ସାମଞ୍ଜସ୍ୟ ରହିଛି। ଏହି କାରଣରୁ ଶ୍ରୀମନ୍ଦିରରେ ପାଳିତ ହେଉଥିବା ଯାନିଯାତ୍ରା ଏଠାରେ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ। ପବିତ୍ର ଅକ୍ଷୟ ତୃତୀୟାଠାରୁ ଶ୍ରୀନୀଳମାଧବ ଜୀଉଙ୍କ ଚନ୍ଦନ ଚାପ ପ୍ରଥା ଅଛି। ଜୀଉଙ୍କ ଚନ୍ଦନ ଚାପ(ଯାତ୍ରା) ମନ୍ଦିରରେ ପାଳିତ ହୋଇ ଆସୁଥିବା ଯାନିଯାତ୍ରାର ଏକ ଅଂଶ ମାତ୍ର। ଏହି ଯାତ୍ରା ପାରମ୍ପରିକ ରୀତିରେ ବହୁବର୍ଷ ଧରି ଚାଲି ଆସୁଛି। ୨ରୁ୩ ବର୍ଷ ହେଲା ଏହି ପରମ୍ପରାରେ ବ୍ୟତିକ୍ରମ ଦେଖା ଦେଇଛି। ବିଶେଷକରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚାପ ପୋଖରୀର ପୁନରୁଦ୍ଧାର କରିବାର ଅବହେଳା ଏହି ପ୍ରଥା ବନ୍ଦ ହେବାର ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ଏହି ପୋଖରୀର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ସୃଷ୍ଟି ହୋଇଛି। ତେବେ ଠାକୁରଙ୍କ ଚନ୍ଦନ ନୀତି ମନ୍ଦିର ମଧ୍ୟରେ ବିଧି ବ୍ୟବସ୍ଥା ମଧ୍ୟରେ ସେବାୟତମାନଙ୍କ ସହଯୋଗରେ ଅକ୍ଷୟ ତୃତୀୟାଠାରୁ ପାଳନ ହେବ। ଖଣ୍ଡପଡା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ପାର୍ଥ ସାରଥୀ ହାଁସଦା ଏହି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ମୁଖ୍ୟ ପର୍ବ ମଧ୍ୟରେ ମାଘରେ ପବିତ୍ର ଭୈମୀ ଏକାଦଶୀ ବା ମାଘମେଳା ଓ ବୈଶାଖରେ ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା ହୋଇଥାଏ। ଦୀର୍ଘବର୍ଷ ହେଲା ପୋଖରୀର ପଙ୍କୋଦ୍ଧାର କରାଯିବାକୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନି। ଠାକୁର ଆଉ ଚାଚେରୀ ଖାଇବା ପାଇଁ ଗ୍ରାମ ବିଜେ କରିବେ ନାହିଁ ବୋଲି ଜଣାପଡିଛି। ଫଳରେ ଦୀର୍ଘବର୍ଷର ପରମ୍ପରା ବନ୍ଦ ହେଉଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଠାକୁରଙ୍କ ଜଳ କ୍ରୀଡା ନୀତି ଚନ୍ଦନ ପୋଖରୀରେ ସମ୍ପନ୍ନ ହୋଇଥାଏ।

# ସିମନବାଡ଼ି ବଣିକ ସଂଘର କର୍ମକର୍ତ୍ତା ଚୟନ

ଦାରିଙ୍ଗବାଡ଼ି,୨୬।୪(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ମା' ପାଟଖଣ୍ଡା ବଣିକ ସଂଘର ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଂଘ ସଭାପତି ଭାବେ ଏସ.ନାଗେଶ୍ୱର ରାଓ ସୁବୁଦ୍ଧି, ସମ୍ପାଦକ ଭାବେ ଶିକ୍ଷକ ଆଶୁତୋଷ ସାହୁଙ୍କୁ ଚୟନ କରାଯାଇଛି । ସେହିପରି ଚିତ୍ତରଞ୍ଜନ ପ୍ରଧାନ ଉପସଭାପତି, ପ୍ରଦୀପ କୁମାର ସାହୁ ସହସମ୍ପାଦକ, ରାଜେଶ କୁମାର ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିବା ବେଳେ ଉପଦେଷ୍ଟା କମିଟିରେ ଶ୍ରୀନିବାସ ଚୌଧରୀ, ଜିତେନ୍ଦ୍ର କୁମାର ସାହୁ, ମନୋଜ କୁମାର ସାହୁ, ଅଶୋକ କୁମାର ବେହେରା ଏବଂ ପିତାମ୍ବର ସାହୁଙ୍କୁ ଚୟନ କରାଯାଇଛି। କର୍ମକର୍ତ୍ତା ଚୟନ ପରେ ଅଞ୍ଚଳରେ କିଭଳି କରୋନା ଭୂତାଣୁ ସଂକ୍ରମଣ ପ୍ରତିହତ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ବ୍ୟବସାୟୀ ମାସ୍କ ପିନ୍ଧିବା, ବାରମ୍ବାର ହାତ ସଫା କରିବା ଏବଂ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୁରତ୍ୱ ରକ୍ଷାକୁ ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ଅଞ୍ଚଳବାସୀ ତଥା ବ୍ୟବସାୟୀମାନଙ୍କ ସୁରକ୍ଷା ପାଇଁ ଭିଡ଼ ଏଡାଇବାକୁ ପ୍ରତି ଶନିବାର ଏବଂ ରବିବାର ବଜାର ବନ୍ଦ ରଖିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର କଳାକୃଷ୍ଣ ପ୍ରଧାନ ଏବଂ ଆଇଆଇସି କୌଶିକ ମାଝିଙ୍କୁ ଲିଖିତ ଜଣାଇବା ପାଇଁ ସଂଘ ନିଷ୍ପତ୍ତି ନେଇଛି।

### ପ୍ରତି ଶନି, ରବିବାର ବଜାର ବନ୍ଦ ନିଷ୍ପତ୍ତି

# ଗଞ୍ଜାମରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ: ଜିଲାପାଳ

### ଚାଷୀଙ୍କୁ ଖରିଫ୍ ଋଣ, ଶ୍ରମିକଙ୍କୁ କାମ ଯୋଗାଇ ଦିଆଯିବ

ଭଞ୍ଜନଗର/ଆସିକା/ବୁଗୁଡ଼ା, ୨୬।୪(ଡି.ଏନ.ଏ)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଭଞ୍ଜନଗର ଉପଖଣ୍ଡର ଭଞ୍ଜନଗର, ବେଲଗୁଣ୍ଠା, ଆସିକା, ଧରାକୋଟ, ସୋରଡ଼ା, ଜଗନ୍ନାଥପ୍ରସାଦ ଓ ବୁଗୁଡ଼ା ବ୍ଲକରେ କୋଭିଡ୍ ମୁକାବିଲା ନେଇ ବିଭିନ୍ନ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି । କରୋନା ପ୍ରଥମ ଲହରକୁ ମୁକାବିଲା କରିବାରେ ଲୋକ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଦ୍ୱିତୀୟ ଲହରରେ ମିଳିମିଶି କାମ କରିବାକୁ ପଡ଼ିବ। ଜିଲାରେ କରୋନା ସ୍ଥିତି ନିୟନ୍ତ୍ରଣାଧିନ ରହିଛି। ତଥାପି ସତର୍କ ରହିବାକୁ ପଡ଼ିବ। ବାହାର ରାଜ୍ୟରୁ ଆସୁଥିବା ଲୋକ ଏବଂ ଯାନବାହାନ ଉପରେ ନଜର ରଖିବା, ପଶ୍ଚିମବଙ୍ଗରୁ ଫେରନ୍ତାଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବା, ସଂକ୍ରମିତ ଚିହ୍ନଟ ଅଞ୍ଚଳକୁ ତୁରନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା କରିବାକୁ ଜିଲାପାଳ କହିଛନ୍ତି। ଗ୍ରାମାଞ୍ଚଳରେ କୋଭିଡ୍ କମିଟି ଓ ଏନ୍‌ଏସିରେ କୋଭିଡ୍ ମନିଟରମାନଙ୍କୁ ସକ୍ରିୟ କରି ଛୋଟ ଛୋଟ ବୈଠକରେ ଲୋକଙ୍କୁ ସଚେତନ କରିବାକୁ ହେବ। ଏହାଦ୍ୱାରା କରୋନାର ଦ୍ୱିତୀୟ ଲହରକୁ ରୋକିବାରେ ସଫଳ ହୋଇପାରିବା। ଜିଲାକୁ ଗ୍ରୀନ୍ ଜୋନରେ ପରିଣତ କରିବା ଆମର ଲକ୍ଷ୍ୟ ବୋଲି ଜିଲାପାଳ ଜଣାଇଛନ୍ତି।

ପାଇପ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକରେ ବିଦ୍ୟୁତ୍ ବକେୟା ଥିଲେ ତାହାକୁ ବର୍ତ୍ତମାନ ସମୟରେ ବିଦ୍ୟୁତ୍ କାଟ କରାଯିବ ନାହିଁ। ଲୋକଙ୍କୁ ଆବଶ୍ୟକ ଅନୁଯାୟୀ ପିଇବା ପାଣି ଯୋଗାଇବା, ପୋଖରୀରେ ଗାଧୋଇବାକୁ ବାରଣ, ବାହାଘର ତଥା ଅନ୍ୟାନ୍ୟ ଭୋଜିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ କୁହାଯାଇଛି। ଆଉ କିଛିଦିନ ପରେ ଖରିଫ୍ ଫସଲ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଯିବ। ତେଣୁ ଚାଷୀଙ୍କୁ ସାହାର୍ଯ୍ୟ ନିମନ୍ତେ ବ୍ୟାଙ୍କ ଓ ସମବାୟ ସଂସ୍ଥା ବର୍ତ୍ତମାନଠୁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ଖରିଫ ଫସଲ ପାଇଁ ସାର କିଭଳି ମିଳିପାରିବ ସେଥିପାଇଁ ପଦକ୍ଷେପ ନେବାକୁ ପଡ଼ିବ। ଏନ୍‌ଏସି ଓ ପଞ୍ଚାୟତରେ ଶ୍ରମିକମାନଙ୍କୁ ବିଭିନ୍ନ ଯୋଜନାରେ କାମ ଯୋଗାଇ ଦେବା, ପ୍ରତ୍ୟେକ ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍‌ରେ ୧୦ ହଜାର ଶ୍ରମ ଦିବସ ସୃଷ୍ଟି କରିବାକୁ ଜିଲାପାଳ ଭଞ୍ଜନଗର ବ୍ଲକରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭଞ୍ଜନଗରରେ ଅନୁଷ୍ଠିତ ବୈଠକରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ତହସିଲଦାର ଆଲୋକ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ,ସାଉଥ୍‌କୋ ନିର୍ବାହୀଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର, ଗ୍ରାମ୍ୟ ପାଇପ ଜଳ ଯୋଗାଣ ନିର୍ବାହୀଯନ୍ତ୍ରୀ ସରୋଜ କୁମାର କର, ଯନ୍ତ୍ରୀ ପ୍ରସନ୍ନ ସାହୁ, ନିହାର ସ୍ୱାଇଁ, ଉଦ୍ୟାନବିତ ସମିତ୍ ଆଚାର୍ଯ୍ୟ, ଏନଏସି ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜିଲାପାଳ ଆସିକା ଓ ବୁଗୁଡ଼ା ବ୍ଲକରେ ମଧ କୋଭିଡ ସ୍ଥିତି ଓ ଏହାର ମୁକାବିଲା ନିମନ୍ତେ ସମୀକ୍ଷା କରିଛନ୍ତି। ଗୋଳିଆଠାରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ସେଣ୍ଟରରେ ୩୦ଟି ଅକ୍ସିଜେନ୍ ସପୋର୍ଟ ଶଯ୍ୟା ରହିବ ଜିଲାପାଳ ବୋଲି ସୂଚନା ଦେଇଥିଲେ।


ଆସିକାରେ ଜିଲାପାଳ ଜନପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି ।

# ଫାଇନ ୨୦୦ ବଦଳରେ ୨ କେଜି ସେଓ

- ଗଞ୍ଜାମ ଏନ୍‌ଏସିର ବିଚିତ୍ର ନୀତି
- ଅଭିଯୋଗ ପରେ ତାତିଲେ ବ୍ୟବସାୟୀ


ଫଳ ବ୍ୟବସାୟୀଙ୍କ ଦୋକାନ ଆଗରେ ଡଷ୍ଟବିନ ରଖାଯାଇନି।

ଗଞ୍ଜାମ,୨୬।୪(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି ପ୍ରଶାସନର ବିଚିତ୍ର ନୀତି। ଦୋକାନ ଆଗରେ ଡଷ୍ଟବିନ ନ ଥିବାରୁ ୨୦୦ ଟଙ୍କା ଫାଇନ। ଟଙ୍କା ନ ଦେଇ ପାରିବାରୁ ୨ କେଜି ସେଓ ନେଇ ଯାଇଥିଲେ ଏନ୍‌ଏସି କର୍ମଚାରୀ।

ସୋମବାର ସନ୍ଧ୍ୟାରେ କରୋନା ସଚେତନତା ପାଇଁ ଗଞ୍ଜାମ ଏନ୍‌ଏସି ନିର୍ବାହୀ ଅଧିକାରୀ(ଇଓ) ରୋନିତ କୁମାର ଓ ତାଙ୍କ କର୍ମଚାରୀ ବଜାରର ବିଭିନ୍ନ ଦୋକାନ ବୁଲିଥିଲେ। ଏନ୍‌ଏସି ସମ୍ମୁଖରେ ରବୀନ୍ଦ୍ର ସାହୁଙ୍କ ଫଳ ଦୋକାନ ରହିଛି। ସେଠାକୁ ଇଓଙ୍କ ସମେତ ଅନ୍ୟ କର୍ମଚାରୀ ଯାଇ ଡଷ୍ଟବିନ କାହିଁକି ରଖିନାହଁ ବୋଲି ପଚାରିବା ସହ ଏଥିପାଇଁ ୨୦୦ ଟଙ୍କା ଜରିମାନା ମାଗିଥିଲେ। ବେପାର କିଛି ହୋଇନି କି ଟଙ୍କା ମୋ ପାଖରେ ନାହିଁ, ମୁଁ ଏବେ ଦେଇ ପାରିବିନି ବୋଲି ଫଳ ଦୋକାନୀ ରବୀନ୍ଦ୍ର କହିଥିଲେ। ଆମେ କିଛି ଶୁଣିବୁନି, ଟଙ୍କା ବଦଳରେ ୨ କେଜି ସେଓ ଦେବାପାଇଁ ଏନ୍‌ଏସି କର୍ମଚାରୀମାନେ କହିଥିଲେ। ତେଣୁ ୨ କେଜି ସେଓ ଦେବାକୁ ବାଧ ହୋଇଥିଲି ବୋଲି ଫଳ ଦୋକାନୀ ରବୀନ୍ଦ୍ର ଅଭିଯୋଗ କରିଛନ୍ତି। ଏହି ଘଟଣା ଜଣାପଡିବା ପରେ ବଜାରର ସମସ୍ତ ବ୍ୟବସାୟୀ ପାଟିତୁଣ୍ଡ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା। ଖବର ପାଇ ଅତିରିକ୍ତ ତହସିଲଦାର, ଥାନା ଏସ୍‌ଆଇ ଅଜିତ କୁମାର ପରିଡା, ବିଜୟ ନାୟକ ପ୍ରମୁଖ ପହଞ୍ଚିବା ପରେ ବଡ ବଜାର ବଣିକ ସଂଘ ସମ୍ପାଦକ କାହ୍ନୁ ଚରଣ ପଣ୍ଡା ଓ ଅନ୍ୟାନ୍ୟ ବ୍ୟବସାୟୀମାନେ ଏଭଳି କେଉଁ ନିୟମ ଅଛି କି ବୋଲି ଉପରୋକ୍ତ ଅଫିସରଙ୍କୁ ପ୍ରଶ୍ନ କରିଥିଲେ। କରୋନା ପ୍ରକୋପକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହିଭଳି ପଦକ୍ଷେପ ନିଆଯାଉଛି ବୋଲି ଅଫିସରମାନେ କହି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ରୋନିତ କୁମାରଙ୍କୁ ଘଟଣା ସମ୍ପର୍କରେ ପଚାରିବାରେ ଫଳ ଦୋକାନୀ ଟଙ୍କା ଦେଇ ପାରିବେନି ଯାହା କରିବାର ଅଛି କର ବୋଲି କହିବାରୁ ସେଥିପାଇଁ ସେଓ ଦେଇଦିଅ ବୋଲି କହିଥିବା ଇଓ କହିଛନ୍ତି।

### ମିଳିତ ସଚେତନତା ଅଭିଯାନ

ଜି.ଉଦୟଗିରି,୨୬।୪(ଡି.ଏନ.ଏ.)

ଜି. ଉଦୟଗିରି ଏନ୍‌ଏସି, ବ୍ଲକ, ତହସିଲ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସୋମବାର ମିଳିତ ଭାବେ ସହରର ଦୋକାନରୁ ଦୋକାନ ବୁଲି କରୋନା କବଳରୁ ରକ୍ଷା ପାଇବା ନିମନ୍ତେ ସଚେତନ କରାଯାଇଛି। ଦୋକାନୀ ମାସ୍କ ବ୍ୟବହାର କରିବା ଓ ଅନ୍ୟଙ୍କୁ ପ୍ରବର୍ତ୍ତାଇବା, ସାମାଜିକ ଦୂରତା ବଜାୟ ରଖିବା, ବ୍ୟବସାୟ ପ୍ରତିଷ୍ଠାନ ଆଗରେ ବ୍ୟାରିକେଡ ଲଗାଇବା, ହୋଟେଲ ଓ ରାସ୍ତା କଡ ଉଠା ଦୋକାନରେ ଖାଇବାକୁ ନ ଦେବାକୁ ପରାମର୍ଶ ଦେଇଛନ୍ତି। ଏଥିରେ ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ନିୟମ ନ ମାନିଲେ କଣ୍ଟେନମେଣ୍ଟ ଜୋନ୍



ବ୍ୟବସାୟୀଙ୍କୁ ସଚେତନ କରୁଛନ୍ତି ତହସିଲଦାର ।

ବେଗୁନିଆପଡ଼ା,୨୬।୪(ଡି.ଏନ.ଏ.)

କରୋନାର ଦ୍ୱିତୀୟ ଲହର ଅତି ଭୟଙ୍କର ରୂପରେ ଦେଖାଦେଇଛି। ଏହାକୁ ନେଇ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କୋଦଳା ତହସିଲ ପକ୍ଷରୁ ବାରମ୍ବାର ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ, ଧର୍ମାନୁଷ୍ଠାନ ପରିଚାଳନା କମିଟି, ଅଟୋ ସଂଘ ଆଦିକୁ ସଚେତନ ପାଇଁ ଚେଷ୍ଟା ଜାରି ରହିଛି। ପ୍ରତ୍ୟକ ଦିନ ବିଭିନ୍ନ ଅନୁଷ୍ଠାନ ସହିତ ଆଲୋଚନା କରାଯାଉଛି। ତଥାପି କେତେକ ଅସାଧୁ ବ୍ୟବସାୟୀ ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଥିବାରୁ ତହସିଲଦାର ଅବନୀ କୁମାର ସାହୁ ଆବଶ୍ୟକ ପଡିଲେ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯିବ ବୋଲି କହିଛନ୍ତି। ବାରମ୍ବାର ଡାକବାଜି ଯନ୍ତ୍ରଦ୍ୱାରା ଲୋକଙ୍କୁ ସଚେତନ କରୁଥିବା ବେଳେ ବ୍ୟବସାୟୀଙ୍କ ପାଇଁ କୋଦଳା ରାଜସ୍ୱ ଡାକବଙ୍ଗଳା ପରିସରରେ ଅସ୍ଥାୟୀ ବାଉଁଶ ବ୍ୟାରିକେଡ୍ କରାଯିବ ବୋଲି ଏନଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ପ୍ରକାଶ କରିଛନ୍ତି।

# ମୁଖ୍ୟ ରାସ୍ତାରେ ଭାସୁଛି ପାଣି, ଯାତାୟାତରେ ସମସ୍ୟା

ରମ୍ଭା,୨୬।୪

ରମ୍ଭା ସହରରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ପାଣି ବ୍ରଜମୋହନପୁର ସାହିରେ ଲିକ ହୋଇ ମୁଖ୍ୟ ରାସ୍ତାରେ ଭାସୁଛି। ଜଳ ଯୋଗାଣ ବେଳେ ପାଣି ପାଇପ୍ ଚାବି ପାଇଁ ହୋଇଥିବା ଚାମ୍ବର ଭର୍ତ୍ତି ହୋଇ ରାସ୍ତାରେ ବହୁଥିବାରୁ ଅଞ୍ଚଳବାସୀଙ୍କ ଯାତାୟାତରେ ସମସ୍ୟା ହେଉଛି। ଚାମ୍ବରଟି ଖୋଲା ରହଥିବାରୁ ପାଣି ବନ୍ଦ ବେଳେ କୁକୁର, ଗୋରୁ ଓ ମଇଁଷି ଏଠାରୁ ପାଣି ପିଇ ତୃଷା ମେଣ୍ଟାଉଛନ୍ତି। ଏଠାରେ ଜମି ରହୁଥିବା ଦୂଷିତ ପାଣି ସପ୍ଲାଇ ପାଣିରେ ମିଶି ସହରକୁ ଯୋଗାଣ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ସେଠାରୁ ଲିକେଜ ଜଳ ରେଳ ବିଭାଗ ଗଳା ଶଙ୍ଖ ନିକଟରେ ଜମିରହିବାରୁ ସହରର ଲକ୍ଷ୍ମୀପୁର, ଚଣ୍ଡିପୁର, ଦାସ ସାହ ଓ ପାଲଙ୍ଗ ପଞ୍ଚାୟତର କାନଖାଇ, ରାଣିବାର ଅଞ୍ଚଳର ଲୋକେ ରମ୍ଭା ସହରକୁ ଆସିବାରେ ବହୁ ସମସ୍ୟା ଭୋଗୁଛନ୍ତି। ଏହି ସମସ୍ୟା କିଛିଦିନ ହେଲା ଲାଗିରହିଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେବେ ଜନସ୍ୱାସ୍ଥ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି।


ଚାମ୍ବରରେ ଜମା ହୋଇଥିବା ପାଣି।